


# ୧୦ରେ ମାଷ୍ଟରକ୍ୟାଣ୍ଟିନରୁ ବାଣୀବିହାର ମୋଦିଙ୍କ ରୋଡ୍ ଶୋ

ଭୁବନେଶ୍ୱର, ୭।୫(ସୁନିତ୍ ମିଶ୍ର)

- ଆଜି ଆସୁଛନ୍ତି ରାଜନାଥ ସିଂ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ
- ଗୁରୁବାର ପ୍ରଚାର କରିବାକୁ ଆସିବେ ଗଡକରୀ, ହିମନ୍ତ ବିଶ୍ୱଶର୍ମା
- ଭାଜପା ଷ୍ଟାର୍ କ୍ୟାମ୍ପେନର ତାଲିକାରେ ସିନ୍ଧିଆଙ୍କ ସ୍ଥାନରେ ହେମାମାଳିନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨ ଦିନଆ ଓଡ଼ିଶା ଗସ୍ତ ଶେଷକରି ରବିବାର ଫେରିଥିବା ବେଳେ ପୁଣି ଥରେ ଆସନ୍ତା ୧୦ରେ ଆସୁଛନ୍ତି। ସେହିଦିନ ସେ ରାଜଧାନୀରେ ଏକ ବିଶାଳ ରୋଡ୍ ଶୋ' କରିବା କାର୍ଯ୍ୟକ୍ରମ ରହିଛି। ୧୦ ତାରିଖ ସନ୍ଧ୍ୟା ୬ଟାରୁ ଭୁବନେଶ୍ୱରରେ ମୋଦିଙ୍କ ରୋଡ୍ ଶୋ' ଆୟୋଜନ ହେବ। ଏହି ଶୋ' ମାଷ୍ଟରକ୍ୟାଣ୍ଟିନ ଛକ ରୁ ବାହାରି ବାଣୀବିହାର ପର୍ଯ୍ୟନ୍ତ ଯିବ। ଏହି ସମୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ଏଥିରେ ବହୁ ସଂଖ୍ୟାରେ ନେତା ଓ କର୍ମୀ ଯୋଗଦେବେ। ଏହି ରୋଡ୍ ଶୋ'ରେ ବିପୁଳ ସଂଖ୍ୟାରେ ଲୋକଙ୍କୁ ଯୋଗଦେବାକୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ନିବେଦନ କରିଛନ୍ତି। ଏକ ଅଡିଓ ବାର୍ତ୍ତା ଜରିଆରେ ସେ ଲୋକଙ୍କୁ ଏନେଇ ଅପିଲ କରିଛନ୍ତି। ସେହିଦିନ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ରାତ୍ରି ଯାପନ କରିବେ। ୧୧ ତାରିଖରେ ସେ ବଲାଙ୍ଗୀରଠାରେ ହେବାକୁ ଥିବା ଏକ ସମାବେଶରେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ରାଜଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହୋଇଛି। ଭୁବନେଶ୍ୱର ବିମାନବନ୍ଦର ଅଧିକାରୀ, ଏସ୍‌ପିଜିଙ୍କ ସହ କମିଶନରେଟ ପୋଲିସର ବୈଠକ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ' ବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ନେଇ କୁହାଯାଇଛି। ତେବେ ମୋଦିଙ୍କ ରୋଡ୍ ଶୋ' ହେବାକୁ ଥିବାବେଳେ ଭାଜପା ନେତା ଓ କର୍ମୀ ଏନେଇ ବହୁ ଉତ୍ସାହିତ ଅଛନ୍ତି।

କେବଳ ପ୍ରଧାନମନ୍ତ୍ରୀ ନୁହନ୍ତି, ଭାଜପା କେନ୍ଦ୍ରୀୟ ନେତାମାନଙ୍କ ଘନ ଘନ ଓଡ଼ିଶା ଗସ୍ତ ଆରମ୍ଭ ହୋଇଯାଇଛି। ଓଡ଼ିଶାରେ ସରକାର କରିବାର ଦମ୍ଭୋକ୍ତି ଦେଖାଉଥିବା ଭାଜପା ବର୍ତ୍ତମାନ ନିଜର ପ୍ରଚାର କାର୍ଯ୍ୟକ୍ରମକୁ ବ୍ୟାପକ କରିଛି। ସେହି କ୍ରମରେ ଓଡ଼ିଶାରେ ଭାଜପା ପାଇଁ ବଲିଉଡ୍‌ର ଡ୍ରିମ୍ ଗାର୍ଲ ତଥା ଏମ୍‌ପି ହେମାମାଳିନୀ ପ୍ରଚାର କରିବେ। ରାଜ୍ୟ ଭାଜପାର ୪୦ ଜଣିଆ ଷ୍ଟାର୍ ପ୍ରଚାରକ ତାଲିକାରେ ହେମାମାଳିନୀଙ୍କ ନାମ ସ୍ଥାନ ପାଇଛି। ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସ୍ଥାନରେ ହେମାମାଳିନୀ ପ୍ରଚାର କରିବେ ବୋଲି ଜଣାପଡ଼ିଛି। ତେବେ ହେମାମାଳିନୀ କେବେ ଓଡ଼ିଶା ଆସିବେ ଓ ପ୍ରଚାର କରିବେ, ତାହା ସ୍ପଷ୍ଟ ହୋଇନାହିଁ। ସେହିପରି ନିର୍ବାଚନ ପ୍ରଚାର ପାଇଁ ବୁଧବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଓଡ଼ିଶା ଆସିବେ। ରାଜନାଥ ଭବାନୀପାଟଣା ଓ ରାୟଗଡ଼ାରେ ଜନସଭାକୁ ସମ୍ବୋଧିତ କରିବେ। ନବରଙ୍ଗପୁର ଓ କୋରାପୁଟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ସାଏ ସଭା କରିବେ। ସେହିପରି ୯ ତାରିଖରେ ଭାଜପାର ଆଉ ୨ ବରିଷ୍ଠ ନେତା, କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଓ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଓଡ଼ିଶା ଆସିବେ। ପୁରୀ ଓ କୃଷ୍ଣପ୍ରସାଦ ସମାବେଶରେ ଗଡକରୀ ଯୋଗଦେବେ। ସେହିପରି ହିମନ୍ତ ମାଲକାନଗିରି, ଚିତ୍ରକୋଣ୍ଡା ଓ ଖଲ୍ଲିକୋଟରେ ସଭା କରିବେ ବୋଲି ରାଜ୍ୟ ଭାଜପା ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

# ୬ ଲୋକସଭା, ୪୨ ବିଧାନସଭା ଆସନ ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୭।୫(ଅନିଲ ଦାସ)

**ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ**

- ୧୦,୮୫୭ ବୁଥ୍‌ରେ ହେବ ମତଦାନ
- ୯୯.୫୫ ଲକ୍ଷ ଭୋଟର

ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ମତଦାନ ପାଇଁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହି ପର୍ଯ୍ୟାୟରେ ମୟୂରଭଞ୍ଜ(ଏସ୍‌ଟି), ବାଲେଶ୍ୱର, ଭଦ୍ରକ(ଏସ୍‌ସି), ଯାଜପୁର(ଏସ୍‌ସି), କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର(ଏସ୍‌ସି) ସଂସଦୀୟ କ୍ଷେତ୍ର ଓ ଏହା ଅନ୍ତର୍ଗତ ୪୨ ବିଧାନସଭା କ୍ଷେତ୍ର ପାଇଁ ମତଦାନ ହେବ। ଏଥିପାଇଁ ୨୦୨୪ ମେ' ୧୪ (ମଙ୍ଗଳବାର) ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ମେ' ୧୫ରେ ନାମାଙ୍କନ ପତ୍ର ଯାଞ୍ଚ, ମେ' ୧୭ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଜୁନ୍ ୧ରେ ଭୋଟ ଗ୍ରହଣ ହେବ।

ଏହି ୬ଟି ସଂସଦୀୟ କ୍ଷେତ୍ର ଅଧୀନରେ ଅନ୍ୟ ପର୍ଯ୍ୟାୟ ତୁଳନାରେ ସର୍ବାଧିକ ମତଦାତା, ଯୁବ ମତଦାତା ଓ ସର୍ବାଧିକ ମତଦାନ କେନ୍ଦ୍ର ରହିଛି। ଉକ୍ତ ପର୍ଯ୍ୟାୟରେ ସର୍ବମୋଟ ୯୯ ଲକ୍ଷ ୫୫ ହଜାର ୫୫୬ ମତଦାତା ଅଛନ୍ତି। ସେମାନଙ୍କ ମଧ୍ୟରେ ୪୮ ଲକ୍ଷ ୬୯ ହଜାର ୩୩୧ ମହିଳା ମତଦାତା ଥିବାବେଳେ ୫୦ ଲକ୍ଷ ୮୫ ହଜାର ୫୩୮ ପୁରୁଷ ଏବଂ ୬୮୭ ତୃତୀୟ ଲିଙ୍ଗ ମତଦାତା ରହିଛନ୍ତି। ଏହି ପର୍ଯ୍ୟାୟରେ ୧୦,୮୫୭ଟି ବୁଥ୍‌ରେ ମତଦାନ ହେବ। ଏଥିସହିତ ୨୫ଟି ଅତିରିକ୍ତ ମତଦାନ କେନ୍ଦ୍ର ମଧ୍ୟ କରାଯାଇଛି। ଏହି ପର୍ଯ୍ୟାୟରେ ମୋଟ ୨,୫୬,୦୦୭ ଜଣ ପ୍ରଥମ ଥର ମତଦାତା (୧୮-୧୯ ବର୍ଷ) ଥିବା ବେଳେ ୨୦,୪୮,୭୦୫ ଜଣ ଯୁବ ମତଦାତା (୨୦ରୁ ୨୯ ବର୍ଷ) ରହିଛନ୍ତି। ଏହି ପର୍ଯ୍ୟାୟରେ ସର୍ବମୋଟ ମତଦାତା ଲିଙ୍ଗ ଅନୁପାତ ୯୫୭ ରହିଛି।

ଏହି ସଂସଦୀୟ କ୍ଷେତ୍ର ଓ ଏହା ଅନ୍ତର୍ଗତ ବିଧାନସଭା କ୍ଷେତ୍ରରୁ ସି-ଭିଜିଲ୍ ମାଧ୍ୟମରେ ୨୦୨୪ ମାର୍ଚ୍ଚ ୧ରୁ ମେ' ୬ ମଧ୍ୟରେ ୨୪୦୮ଟି ଅଭିଯୋଗ ପ୍ରାପ୍ତ ହୋଇଥିବା ବେଳେ ୨୪୦୧ ଅଭିଯୋଗ ପାଇଁ ବିଧି ଅନୁସାରେ ପଦକ୍ଷେପ ଗ୍ରହଣ କରାଯାଇଛି। ୨୦୨୪ ମାର୍ଚ୍ଚ ପହିଲାରୁ ମେ' ୬ ମଧ୍ୟରେ ମୋଟ ୨୭୯୩ ଲକ୍ଷ ଟଙ୍କାର ସାମଗ୍ରୀ ଓ ଟଙ୍କା ଜବତ କରାଯାଇଛି। ଏହି ପର୍ଯ୍ୟାୟ ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇସାରିଛି ଏବଂ ପ୍ରତିଟି ବୁଥ୍‌ରେ ମୁକ୍ତ, ଅବାଧ, ସ୍ୱଚ୍ଛ ନିର୍ବାଚନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ମତଦାତା ମତଦାନ କରି ନିଜ ନିଜର ଗଣତାନ୍ତ୍ରିକ କର୍ତ୍ତବ୍ୟ ନିର୍ବାହ କରିବା ସହ ଦେଶର ସର୍ବବୃହତ୍ ଗଣତାନ୍ତ୍ରିକ ମହାପର୍ବରେ ଅଂଶୀଦାର ହେବା ପାଇଁ ସେ ସମସ୍ତଙ୍କୁ ପ୍ରୋତ୍ସାହିତ କରିଛନ୍ତି।

# କ୍ୟାଡର ମାଓବାଦୀଙ୍କ ଆତ୍ମସମର୍ପଣ

ଫୁଲବାଣୀ, ୭।୫
(ରାକେଶ କୁମାର ରାଉତ)

କେକେବିଏନ୍ ମାଓବାଦୀ ସଙ୍ଗଠନର ଜଣେ କ୍ୟାଡର ମାଓବାଦୀ ଦକ୍ଷିଣାଞ୍ଚଳ ଆଇଜି ଜେ.ଏନ୍. ପଙ୍କଜଙ୍କ ପାଖରେ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀ(ସିପିଆଇ) ଜଣକ ଛତିଶଗଡ ସୁକୁମା ଜିଲାର କିଷ୍ଟାରାମ ପଞ୍ଚାୟତ ମଙ୍ଗଳଗୁଡା ଗ୍ରାମର ସମୟ ମାଡକାମ ଓରଫ ନରେଶ ଓରଫ ରୂପେଶ ଓରଫ ପୁନିତ। ସେ ସଂଗଠନରେ ଡିଭିଜନାଲ କମିଟି ମେମ୍ବର ଭାବେ କନ୍ଧମାଳ, କଳାହାଣ୍ଡି, ନୂଆପଡା, ବୌଦ୍ଧ ଜିଲାରେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ୧୫ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ଦକ୍ଷିଣାଞ୍ଚଳ ଆଇଜି ମଙ୍ଗଳବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମୟଙ୍କୁ ୧୦ ବର୍ଷ ହୋଇଥିବାବେଳେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ। ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ମାଓବାଦୀମାନେ ସାଙ୍ଗରେ ନେଇଯାଇଥିଲେ। କିନ୍ତୁ ସଂଗଠନରେ ପହଞ୍ଚିଲା ପରେ ତାଙ୍କୁ ଅନେକ ସମୟରେ ନିର୍ଯ୍ୟାତନା ଦିଆଯାଉଥିଲା। ମହିଳା ମାଓବାଦୀମାନଙ୍କୁ ଯୌନ ଶୋଷଣ, ଭୟ ପ୍ରଦର୍ଶନ କରି ଚାନ୍ଦା ଆଦାୟ କରିବା ସହ ଯୁବତୀ ଯୁବକମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ସଂଗଠନରେ ସାମିଲ କରୁଥିବା ଦେଖି ସମୟ ଅତିଷ୍ଠ ହୋଇ ପଡ଼ିଥିଲେ। ଏଥିପାଇଁ ସେ ପୁଣି ଘରକୁ ଚାଲି ଆସିବାକୁ ଚିନ୍ତା କରି ପୋଲିସ ସହ ଯୋଗାଯୋଗ କରିଥିଲେ। ସରକାରଙ୍କ ଥଇଥାନ ନୀତିରେ ଆକୃଷ୍ଟ ହୋଇଛି। ଘରକୁ ଫେରି ଚାଷବାସ କରି ଭଲରେ ଜୀବନ ନିର୍ବାହ କରିବି ବୋଲି ସମୟ କହିଛନ୍ତି। ଥଇଥାନ ନୀତି ଅନୁସାରେ ତାଙ୍କୁ ସବୁ ସୁବିଧା ଯୋଗାଇ ଦିଆଯିବ ବୋଲି ଆଇଜି ପଙ୍କଜ କହିଛନ୍ତି। ସେହିପରି ମାଓବାଦୀମାନେ ଗଞ୍ଜେଇ କାରବାରରେ ସାମିଲ ଅଛନ୍ତି। ସେମାନେ ଗଞ୍ଜେଇ ବ୍ୟବସାୟ କରୁଥିବା ଲୋକଙ୍କ ପାଖରୁ ମୋଟା ଅଙ୍କର ଚାନ୍ଦା ନେଉଛନ୍ତି ବୋଲି ମଧ୍ୟ ସୂଚନା ଦେଇଛନ୍ତି। ସମୟ କନ୍ଧମାଳ ଜିଲାରେ କାର୍ଯ୍ୟ କରୁଥିଲେ। ଆଇଡି ବ୍ଲାଷ୍ଟ, ଯବାନଙ୍କ ଉପରେ ଫାୟାରିଂ ଆଦି କାର୍ଯ୍ୟରେ ଲିପ୍ତ ଥିଲେ। ଆମେ କୋମ୍ବିଂକୁ ଜୋରଦାର କରୁଛୁ। ଗତ ୪/୫ ମାସରେ ୭ରୁ ୮ ଥର ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଆଗକୁ ନିର୍ବାଚନ, ଚଳିତ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ହେବ। ଏଥିପାଇଁ ପୋଲିସ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି ବୋଲି କନ୍ଧମାଳ ଏସ୍‌ପି ଶୁଭେନ୍ଦୁ ପାତ୍ର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃୟାରୀ ୩ରେ କନ୍ଧମାଳ ଜିଲା ବାଲିଗୁଡା ସୁଦ୍ରା ଅଞ୍ଚଳରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ କ୍ୟାଡର ମାଓବାଦୀ ନେତା ଦାସୁରୁ ନିହତ ହୋଇଥିଲେ। ତାଙ୍କ ନାଁରେ କନ୍ଧମାଳ ଓ ବୌଦ୍ଧ ଜିଲାର ବିଭିନ୍ନ ଥାନାରେ ୨୨ଟି ମାମଲା ଥିଲା। ସେଥି ମଧ୍ୟରୁ ୨୦୧୯ ନିର୍ବାଚନ ବେଳେ ସେ କନ୍ଧମାଳ ଜିଲା ଲୁଇସିଂ ଜିଆରଏସ୍ ସଂଯୁକ୍ତା ଡିଗାଲଙ୍କୁ ହତ୍ୟାରେ ସାମିଲ ଥିଲେ।

# ଧଳାପଥରର ଚୋରାଚାଲାଣ

**ପାଖେଇଛି ନିର୍ବାଚନ, ବଢୁଛି ଲୁଟ୍ କାରବାର**

ସୋନପୁର,୭।୫
(ମୃତ୍ୟୁଞ୍ଜୟ ଶତପଥୀ)


କର୍ଡାପାଲ-ତେଲିପାଲି ରାସ୍ତା ପାର୍ଶ୍ୱରେ ଧଳାପଥର ଗଚ୍ଛିତ ରଖାଯାଇଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅଞ୍ଚଳରେ ଧଳାପଥର (କ୍ୱାର୍ଜଷ୍ଟୋନ୍) ବେଧଡ଼କ ଭାବେ ଲୁଟ୍ ଚାଲିଛି। ଉପାନ୍ତ ଅଞ୍ଚଳରେ ଥିବା ସରକାରୀ ଜମିରୁ ଦିନରାତି ଚୋରାଚାଲାଣ ଚାଲିଛି। ଏହା ପଛରେ ଏକ ପ୍ରଭାବଶାଳୀ ର୍ୟାକେଟ୍ କାମ କରୁଛି। ଖଣି କିମ୍ବା ତହସିଲ ପ୍ରଶାସନ ନୀରବ ବସିଥିବା ବେଳେ ସ୍ଥାନୀୟ ପୋଲିସକୁ ହାତ କରି ଉତ୍ତୋଳନ ଓ ରପ୍ତାନି ହେଉଛି। ପ୍ରଥମେ ଟ୍ରାକ୍ଟରରେ ଆଣି ଧଳାପଥରଗୁଡ଼ିକୁ ଗଚ୍ଛିତ କରାଯାଉଛି। ପରେ ବଡ଼ ଟ୍ରକ୍‌ରେ ବାହାର ଜିଲାର ଇସ୍ପାତ ଶିଳ୍ପକୁ ପଠାଯାଉଛି। ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, ସେହି ପରିମାଣରେ ଧଳାପଥର ଲୁଟ୍ କାରବାର ବଢ଼ିବାରେ ଲାଗିଛି। ଏହା ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି ବୋଲି ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି।

ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ଅଧୀନରେ ବୃହତ୍ ଖଣିଜ ଦ୍ରବ୍ୟ ପରିଚାଳନା ଦାୟିତ୍ୱ ରହିଛି। ସୁବର୍ଣ୍ଣପୁରରେ ଖଣି ବିଭାଗର କାର୍ଯ୍ୟାଳୟ ନଥିବା ବେଳେ ବଲାଙ୍ଗୀରରେ ବିଭାଗର ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଅଛି। ଏଠାରେ ଧଳାପଥର ବେଆଇନଭାବେ ଉତ୍ତୋଳନ ହେଉଥିବା ବେଳେ ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଉନି। ସରକାରୀସ୍ତରରେ ଆବଶ୍ୟକ ସହଯୋଗ ଅଭାବରୁ ଏହି ବିଭାଗ ଜିଲାରେ ପ୍ରାୟ ସୁପ୍ତ ଥିବା ମନେହେଉଛି। ସୂଚନା ଅନୁଯାୟୀ ବୀରମହାରାଜପୁର ତହସିଲ ଅଧୀନରେ ଥିବା ଦାଦରପାଲି ଓ ବଙ୍କିଆ ଉତ୍ସରୁ ଧଳାପଥର ଉତ୍ତୋଳନ ପାଇଁ ରାଜ୍ୟ ଇସ୍ପାତ ଓ ଖଣିବିଭାଗ ପକ୍ଷରୁ ଲିଜ୍ ଦିଆଯାଇଛି। ଲିଜ୍‌ଧାରୀ ଉକ୍ତ ଉତ୍ସରୁ ଉତ୍ତୋଳନ ବନ୍ଦ କରିଛନ୍ତି। ତେବେ ଅଞ୍ଚଳର ତେଲିପାଲି, କର୍ଡାପାଲ, ଲୁଦୁମୁଣ୍ଡା, ବଙ୍କିଆ, ବାରଖୁଲା, ଦାଦରପାଲି ଓ ପର୍ଡିଆପାଲି ଗାଁ ନିକଟରେ ଥିବା ଅଣସ୍ୱୀକୃତି ଖାଦାନ ଗୁଡ଼ିକରୁ ବେଆଇନ ଭାବେ ଧଳାପଥର ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ଅନ୍ୟପକ୍ଷେ ଉପରୋକ୍ତ ଖଣି ଲୁଟ୍‌ରୁ ଆୟ ହେଉଥବା ଅର୍ଥକୁ ଆସନ୍ତା ନିର୍ବାଚନରେ ବିନିଯୋଗ କରିବାକୁ ଏଭଳି ଲୁଟ୍ କାରବାର ଚାଲିଥିବା ଚର୍ଚ୍ଚା ହେଉଛି। ଏହା ପଛରେ ବହୁ ପ୍ରଭାବଶାଳୀ ନେତାଙ୍କ ଆଶୀର୍ବାଦ ଥିବାରୁ ଖଣି ବିଭାଗ କୌଣସି ଧାର ଧରୁନାହିଁ ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସିଙ୍ଗୁ ପଚାରିବାରୁ ସେ କହିଛନ୍ତି, ଏହା ଖଣି ବିଭାଗର କାମ। ଆମ ନିକଟରେ କୌଣସି କାଗଜପତ୍ର ନାହିଁ କି ସେଭଳି କିଛି ଅଭିଯୋଗ ନାହିଁ। ତେବେ ଘଟଣାର ନିଶ୍ଚିତ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ଗୁଳି କରି ବାଘ ଶିକାର

- ବ୍ୟବଚ୍ଛେଦ ପରେ ବାହାରିଲା ୩ ଗୁଳି
- ୬ ଅଟକ, ବନ୍ଧୁକ ଜବତ


ମୃତବାଘକୁ ବ୍ୟବଚ୍ଛେଦ ପୂର୍ବରୁ ପାଲ ଟାଙ୍ଗି ରଖାଯାଇଛି।

ନାକଟୀଦେଉଳ, ୭।୫
(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବନାଞ୍ଚଳ ଅନ୍ତର୍ଗତ ଲାଣ୍ଡିମାଳ ସଂରକ୍ଷିତ ଜଙ୍ଗଲରୁ ଏକ କଲରାପତରିଆ ବାଘର ମୃତଦେହ ବନ ବିଭାଗ ଜବତ କରିଛି। ଛାଲ ପାଇଁ ଶିକାରୀମାନେ ଗୁଳିକରି ବାଘ ଶିକାର କରିଥିବା ସନ୍ଦେହ କରାଯାଉଛି। ପେଣ୍ଠବାହାଲ ଚମ୍ପାଳି ପୋଲ ନିକଟ ଜାତୀୟ ରାଜପଥଠାରୁ ଭୀମମଣ୍ଡଳୀ ରାସ୍ତାର ଲାଣ୍ଡିମାଳ ସଂରକ୍ଷିତ ଜଙ୍ଗଲରୁ ବାଘ ମୃତଦେହ ସୋମବାର ରାତିରେ ଠାବ କରିଥିଲା ବନ ବିଭାଗ। ମଙ୍ଗଳବାର ସକାଳେ ରେଢାଖୋଲ ଡିଏଫ୍‌ଓ ଅରବିନ୍ଦ ମହାନ୍ତି, ସମ୍ବଲପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଟି. ଅଶୋକ କୁମାର, ନାକଟୀଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ। ଅନ୍ୟପକ୍ଷରେ ଭୁବନେଶ୍ୱରରୁ ଏକ ଜଏଣ୍ଟ ଟାସ୍କଫୋର୍ସ ଟିମ୍ ମଧ୍ୟ ମଙ୍ଗଳବାର ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ନାକଟୀଦେଉଳ ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଶ୍ରବଣ କୁମାର ଆଚାରୀ ମୃତ ବାଘର ବ୍ୟବଚ୍ଛେଦ କରିଥିଲେ। ବ୍ୟବଚ୍ଛେଦ ସମୟରେ ବାଘ ଶରୀରରୁ ୩ଟି ଗୁଳି ବାହାରିଥଲା। ପରେ ମୃତଦେହକୁ ସେଠାରେ ପୋଡ଼ି ଦିଆଯାଇଥିଲା। ମୃତ ବାଘର ବୟସ ୧୦ରୁ ୧୨ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ରେଢାଖୋଲ ଡିଏଫ୍‌ଓ ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ବନ ବିଭାଗ ପେଣ୍ଠବାହାଲ ଗ୍ରାମର ୬ଜଣଙ୍କୁ ଅଟକ ରଖି ପଚରାଉଚରା କରିଛି। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଜବତ କରାଯାଇଛି। ରବିବାର ରାତି କିମ୍ବା ସୋମବାର ସକାଳୁ ଶିକାରୀମାନେ ବାଘକୁ ଗୁଳି କରିଥିବା ଜଣାପଡୁଛି। ଗୁଳି ବାଜିବା ପରେ ବାଘ ସେଠାରୁ ଜଙ୍ଗଲ ଭିତର ଭୀମମଣ୍ଡଳୀ ରାସ୍ତାକୁ ଯାଇ ପଡ଼ିଯାଇଥିଲା। ପାଟ୍ରୋଲିଂ କରୁଥିବା ବନ ବିଭାଗ କର୍ମଚାରୀ ଏହା ଦେଖିବାକୁ ପାଇବା ପରେ ଘଟଣା ସାମ୍ନାକୁ ଆସିଥିଲା। ସୂଚନାଯୋଗ୍ୟ, ବର୍ଷକ ତଳେ ପେଣ୍ଠବାହାଲ ନିକଟ ଚମ୍ପାଳି ନଦୀ ନିକଟରେ ବିକ୍ରି ପାଇଁ ଡିଲ୍ ହେଉଥିବା ବେଳେ ବନ ବିଭାଗ ଟାସ୍କଫୋର୍ସ ଚଢ଼ାଉ କରି ଗୋଟିଏ କଲରାପତରିଆ ବାଘ ଛାଲ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଥିଲା।

CLASSIFIED DISPLAY
MORE SPACE ' SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଆଡ୍‌ୱାର୍ଲ୍ଡ
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁଆଜି ଓମ୍ପେଡ୍, ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍‌କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଚିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୭୬, ସେକ୍ଟର ୫, ନୋଏଡ଼ା
9810432170
7606841840

ପୂର୍ବ ତଟ ରେଳପଥ

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-01-24
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ର ମଣ୍ଡଳ ରେଳ ଚିକିତ୍ସାଳୟ, କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ସେବା ଭବନଗୁଡ଼ିକରେ ପାରମ୍ପରିକ ସିଲିଂ ଫ୍ୟାନ୍‌ଗୁଡ଼ିକ ସ୍ଥାନରେ ବ୍ରସଲେସ୍ ଡାଇରେକ୍ଟ କରେଣ୍ଟ (BLDC) ଫ୍ୟାନ୍‌ଗୁଡ଼ିକର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 36,57,147.06, EMD : ₹ 73,200/-

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-02-24
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ଠାରେ ନୂତନ ଭାବେ ନିର୍ମିତ 36 ୟୁନିଟ୍ ଟାଇପ୍-II କ୍ୱାର୍ଟରଗୁଡ଼ିକରେ ଲିଫ୍ଟଗୁଡ଼ିକର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 58,10,502.20, EMD : ₹ 1,16,200/-

(3) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-03-24
କାର୍ଯ୍ୟର ବିବରଣୀ : ପୂର୍ବ ତଟ ରେଳପଥରେ LHB କୋଚ୍ ଏବଂ LHB ପାୱାର କାର୍‌ଗୁଡ଼ିକରେ 750/415 V, 200 VA କଣ୍ଟ୍ରୋଲ ଟ୍ରାନ୍ସଫର୍ମର ର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 11,03,478.88, EMD : ₹ 22,100/-

ଶେଷ ହେବା ଅବଧି : 6 ମାସ (ସମସ୍ତ କ୍ରମ ସଂ. ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.22.05.2024ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ପାଇଁ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ଖୋର୍ଦ୍ଧା ରୋଡ଼
PR-87/P/24-25

ଦ.ପୂ. ରେଳପଥ - ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର ଡିଇଇ (ଜି), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୦୫-ଇଏଲ୍-ଡବ୍ଲ୍ୟୁଟି-୨୦୨୪-୨୫, ତାରିଖ: ୦୪।୦୫।୨୦୨୪। କାର୍ଯ୍ୟର ନାମ:** "ସୁଗମ୍ୟ ଭାରତ ଅଭିଯାନ" ଅଧୀନରେ ୦୩ ଗୋଟି ଲିଫ୍ଟ (ଟାଟାଠାରେ ୦୧ ଗୋଟି ଏବଂ ଚକ୍ରଧରପୁରଠାରେ ୦୨ ଗୋଟି)ର ବ୍ୟବସ୍ଥା ସଂକ୍ରାନ୍ତରେ ସମ୍ବନ୍ଧିତ ବୈଦ୍ୟୁତିକ (ଜି) କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୧୯,୯୬,୪୭୭.୮୭। **ଇଏମ୍‌ଡି:** ₹୩୯,୯୦୦। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ । **ବନ୍ଦ ହେବା/ଖୋଲାଯିବା ତାରିଖ:** ୩୧।୦୫।୨୦୨୪, ୧୫.୦୦ ଘଟିକା । ଟେଣ୍ଡର http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଆବଶ୍ୟକ । (PR-120)

ଦ.ପୂ. ରେଳପଥ - ଟେଣ୍ଡର
**ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଟି-ସିକେପି-ଓଟି-୧୮-୨୦୨୪, ତାରିଖ ୦୬।୦୫।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଏସ୍‌ଟିଇ/ ସିଓ/ଚକ୍ରଧରପୁର/ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା **ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୧୮-୨୦୨୪-୧, ୨, ୩, ୪ ଓ ୫** ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା **ତା୨୭।୦୫।୨୦୨୪ରିଖ ୧୫.୦୦ ଘଟିକା**ରେ ଖୋଲାଯିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କ୍ର.ସଂ.-୧, କାର୍ଯ୍ୟର ନାମ:** ଝାରସୁଗୁଡ଼ା ଗୁଡ୍‌ସ ୟାର୍ଡଠାରେ ଟ୍ରାଫିକ୍ ସୁବିଧାକୁ ଉନ୍ନତ କରିବା ପାଇଁ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂର ରିଡିଜାଇନିଂ ନିମନ୍ତେ ପରିବର୍ତ୍ତନ/ରୂପାନ୍ତରଣ। **ଟେଣ୍ଡର ମୂଲ୍ୟ:** ₹୯୨,୪୫,୬୭୭.୧୫। **ଅମାନତ ରାଶି:** ₹୧,୮୪,୯୦୦। **ସମାପ୍ତି ଅବଧି:** ୦୬ (ଛଅ) ମାସ। **କ୍ର.ସଂ.-୨, କାର୍ଯ୍ୟର ନାମ:** ରାଉରକେଲା-ଝାରସୁଗୁଡ଼ା ସେକ୍ସନ ମଧ୍ୟରେ ୧୩ ଗୋଟି ପଥର ସେତୁର ପୁନଃନିର୍ମାଣ ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୪୩,୧୨,୩୯୪.୧୩। **ଅମାନତ ରାଶି:** ₹୮୬,୩୦୦। **ସମାପ୍ତି ଅବଧି:** ୧୫ (ପନ୍ଦର) ମାସ। **କ୍ର.ସଂ.-୩, କାର୍ଯ୍ୟର ନାମ:** ଏସ୍‌ଏସ୍‌ଇ/ଟେଲି/ରାଉରକେଲା ଅଧୀନରେ ପରିଚାଳନା ପାଇଁ ୧ ଗୋଟି ୧ ଟନ୍ କ୍ଷମତାର ଟ୍ରକ୍ ନିୟୋଜିତ କରିବା। **ଟେଣ୍ଡର ମୂଲ୍ୟ:** ₹୧୭,୮୦,୭୩୩.୫୫। **ଅମାନତ ରାଶି:** ₹୩୫,୬୦୦। **ସମାପ୍ତି ଅବଧି:** ୩୬ (ଛତିଶ) ମାସ। **କ୍ର.ସଂ.-୪, କାର୍ଯ୍ୟର ନାମ:** ଏସ୍‌ଏସ୍‌ଇ/ଟେଲି/ବଣ୍ଡମୁଣ୍ଡା ଅଧୀନରେ ପରିଚାଳନା ପାଇଁ ୧ ଗୋଟି ୧ ଟନ୍ କ୍ଷମତାର ଟ୍ରକ୍ ନିୟୋଜିତ କରିବା। **ଟେଣ୍ଡର ମୂଲ୍ୟ:** ₹୧୭,୮୦,୭୩୩.୫୫। **ଅମାନତ ରାଶି:** ₹୩୫,୬୦୦। **ସମାପ୍ତି ଅବଧି:** ୩୬ (ଛତିଶ) ମାସ। **କ୍ର.ସଂ.-୫, କାର୍ଯ୍ୟର ନାମ:** ଲଇକେରାଠାରେ ଆର୍‌ପିଏଫ୍ ଷ୍ଟାଣ୍ଡର୍ଡ ବାରାକ୍‌ର ଟେଲିଯୋଗାଯୋଗ ସୁବିଧାର ବ୍ୟବସ୍ଥା। **ଟେଣ୍ଡର ମୂଲ୍ୟ:** ₹୨,୨୮,୧୫୪.୯୬। **ଅମାନତ ରାଶି:** ₹୪,୬୦୦। **ସମାପ୍ତି ଅବଧି:** ୧୫ (ପନ୍ଦର) ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ। (PR-117)

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
One WORKER STAFF for our Distributor godown at Khordha.
Contact: 9556070670

ଇଲେକ୍ଟ୍ରିସିଆନ ଆବଶ୍ୟକ
ଭୁବନେଶ୍ୱର ଫରେଷ୍ଟପାର୍କସ୍ଥିତ ଏକ ଆପାର୍ଟମେଣ୍ଟ ପାଇଁ ଅତି କମ୍‌ରେ ୫ ବର୍ଷ ଅଭିଜ୍ଞତା ଥିବା **ଇଲେକ୍ଟ୍ରିସିଆନ** ଆବଶ୍ୟକତା ଅଛି। ମାସିକ ବେତନ ସହ ରହିବା ପାଇଁ ବାସଗୃହ ଦିଆଯିବ। ଇଚ୍ଛୁକ ପ୍ରାର୍ଥୀ 8349343554 ରେ ଯୋଗାଯୋଗ କରନ୍ତୁ।

आईआरईएल (इंडिया) लिमिटेड
IREL (India) Limited
ऑसकॉम / OSCOM, माटिखालो / Matikhalo
Unleashing Values
आज़ादी का अमृत महोत्सव
NOTIFICATION NO.: IREL/OS/AA/2024
DATE OF NOTIFICATION: 26/04/2024
LAST DATE FOR RECEIPT OF APPLICATION:16/05/2024
NOTIFICATION FOR ENGAGEMENT OF APPRENTICES FOR THE YEAR 2024-25 UNDER THE APPRENTICES ACT, 1961
IREL (India) Limited, OSCOM, Matikhalo, Dist.: Ganjam, Odisha, a Central Public Sector Undertaking under the administrative control of Department of Atomic Energy, Government of India is engaged in mining, mineral separation and value addition of Atomic Minerals. The Minerals and Rare Earth compounds produced by IREL (India) Limited are used in various industries as well as Strategic Sectors.
2.0 Applications are invited from eligible candidates for engagement of 30 nos. of Apprentices in Trade, Technician and Graduate Apprentices disciplines under the Apprentices Act,1961(as amended from time to time).
3.0 Application should be sent by post preferably through speed post in closed envelop super-scribing the cover:-
'APPLICATION FOR ENGAGEMENT OF APPRENTICES AGAINST NOTIFICATION NO.IREL/OS/AA/2024
Discipline:______________
4.0 Applications should be addressed to The HoD, HRM Department, OSCOM Unit, IREL(India) Limited, At/P.O.-Matikhalo, Dist.-Ganjam,Odisha-761 045. It should reach us on or before the last date 16/05/2024. For more details, please visit Company's website http://www.irel.co.in, by clicking 'careers' option for downloading detailed notification & application blank format.
Manager-HRM (L & E), IREL (India) Limited

REQUIREMENT
Required Mech/Elec Degree Engg, pass out before year 2015-16.
Send Biodata
inforaipur2022@gmail.com
Cont. - 6261272838

WANTED
Wanted 10th / 12th pass Caretakers of disabled children in school hostel.
Salary Rs.12000/-
Autism Ashram Hyderabad,Amruta
Cont. - 7798017027

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org
ପତ୍ର ସଂଖ୍ୟା: ୧୦୫ — ବିଜ୍ଞାପନ — ତା:୩୦।୦୪।୨୦୨୪
No. CAD-99: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏ.ଏମ୍.-୨୦ (AM-20) ବାସନ୍ତୀ କଲୋନୀ, ଫେଜ୍-୧, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ରାଜଲକ୍ଷ୍ମୀ ସାହୁ, ସ୍ୱାମୀ: ୰ ଆନନ୍ଦ ସାହୁ, ଘର ନଂ. ଏ.ଏମ୍-୨୧, ବାସନ୍ତୀ କଲୋନୀ, ଫେଜ୍-୧, ରାଉରକେଲା, ଜିଲା: ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ରାଜଲକ୍ଷ୍ମୀ ସାହୁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ନୃସିଂହ ଚରଣ ନାୟକ, ପିତା: ୰ଶ୍ୟାମସୁନ୍ଦର ନାୟକ, ଗ୍ରା: ମଧୁସୂଦନପାଲି, ପୋ: ରାଉରକେଲା-୧୩, ଥାନା: ପ୍ଲାଣ୍ଟ ସାଇଟି, ଜିଲା: ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0084/2425

STATE SELECTION BOARD
DEPARTMENT OF HIGHER EDUCATION
GOVT. OF ODISHA, BHUBANESWAR - 09
NOTICE
No. 165/SSB — Date: 07.05.2024
No. N-4: It is for information of all concerned that the written examination for recruitment to the post of Trained Graduate Teachers (Arts, PCM, CBZ), Hindi Teachers, Classical Teachers (Sanskrit), Urdu Teachers and P.E.T. in Non-Government Fully Aided High Schools of Odisha (Advt. No. 01/2024) will be held in three sittings on 07.06.2024 (Friday) at Angul, Balasore, Berhampur, Bhubaneswar, Bolangir, Cuttack, Kendrapara, Keonjhar, Koraput and Sambalpur Zones as per the following programme.

| 1st Sitting (08.00 A.M. - 10.00 A.M.) | 2nd Sitting (11.30 A.M. - 01.30 P.M.) | 3rd Sitting (03.00 P.M. - 05.00 P.M.) |
|---|---|---|
| TGT (Arts) | Hindi Teachers | TGT (CBZ) |
| TGT (PCM) | | Classical Teachers (Sanskrit) |
| Urdu Teachers | | Physical Education Teachers |

Hall Tickets (Admit Cards) of the candidates will be available in the official website of State Selection Board, Odisha: www.ssbodisha.ac.in w.e.f 1.00 P.M. of 01.06.2024. Candidates are advised to download their Hall Tickets (Admit Cards) from the above website by entering their Date of Birth and Mobile No.
OIPR-11015/11/0005/2425 — Sd./- Secretary

## ସଂକ୍ଷେପରେ

### ବିଜେଡି ପ୍ରାର୍ଥୀଙ୍କ ବିଶାଳ ବାଇକ୍ ଶୋଭାଯାତ୍ରା

ଦିଗପହଣ୍ଡି,୭।୫(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିରେ ମଙ୍ଗଳବାର ବିଜେଡି ପକ୍ଷରୁ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଜେଡିର ଦିଗପହଣ୍ଡି ବିଧାନସଭା ବିଧାୟକ ପ୍ରାର୍ଥୀ ବିପ୍ଲବ ପାତ୍ର ଏବଂ ବ୍ରହ୍ମପୁର ଏମପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଦିଗପହଣ୍ଡି ଠାରେ ପହଞ୍ଚିବା ପରେ ଉପସ୍ଥିତ ଦଳୀୟ କର୍ମୀଙ୍କ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ଉଭୟ ପ୍ରାର୍ଥୀ ଦିଗପହଣ୍ଡି ସ୍ଥିତ ବିଜେଡି କାର୍ଯ୍ୟାଳୟ ଠାରୁ ବିଶାଳ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଜୋରଦାର ପ୍ରଚାର କରିଥିଲେ। ପ୍ରାର୍ଥୀ ଦ୍ୱୟ ଭୋଟରଙ୍କୁ ଭୋଟ ଭିକ୍ଷା କରିବା ସହ ଆସନ୍ତା ମେ' ୧୩ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଉଭୟ ଲୋକସଭା ଓ ବିଧାନସଭା ଆସନ ନିମନ୍ତେ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ପୂର୍ବତନ ନଗରପାଳ ହୃଦୟରଞ୍ଜନ ମେକାପ, ଭି .ରବିନାରାୟଣ ରାଜୁ, ଏମପି ପ୍ରତିନିଧି ନିରୂପମା ପଟ୍ଟନାୟକ, ଏମ୍. ନିରଞ୍ଜନ ରେଡ୍ଡୀ, ବି.କ୍ରୀଷ୍ଣାରାଓ ସୁବୁଦ୍ଧି, ଏନ୍ଏସି କାଉନସିଲର ନୀଳମାଧବ ଗୌଡ, ସୁଶାନ୍ତ ପାତ୍ର, କରିସ୍ମା ନାୟକ, ଜ୍ୟୋସ୍ନା ଜେନା, ଗୌରାଙ୍ଗ ଚରଣ ବେହେରା, ବିଜେଡି ନଗର ସଭାପତି ତାରାପ୍ରସାଦ ପଟ୍ଟନାୟକ, ବ୍ଲକ ସଭାନେତ୍ରୀ ଉମା ମହେଶ୍ୱରୀ ସେଠୀ, ଅନୀତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଶହୀଦ ଯବାନ ପ୍ରକାଶଙ୍କ ସ୍ମୃତିଚାରଣ

ବୁଗୁଡା,୭।୫(କାଳିଚରଣ ଦାଶ)

ବୁଗୁଡା ବ୍ଲକ ଅନ୍ତର୍ଗତ ବେଠିଆବୋରଦା ଠାରେ ଥିବା ଶହୀଦ ପ୍ରକାଶ କୁମାର ବେହେରାଙ୍କ ସ୍ମୃତି ସ୍ତମ୍ଭ ନିକଟରେ ମଙ୍ଗଳବାର ସପ୍ତମ ସ୍ମୃତିଚାରଣ ଦିବସ ପାଳିତ ହୋଇଯାଇଛି। ପ୍ରଦୀପ କୁମାର ବେହେରାଙ୍କ ଆବାହକତ୍ୱ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଭଞ୍ଜମାଟିର ସଂପାଦକ କାମରାଜୁ ସାହାଣୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଗୋପାଳ ପାତ୍ର ମୁଖ୍ୟ ବକ୍ତା ଏବଂ ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ବିଶ୍ୱାଳ, ନିଳାଦ୍ରି ବିହାରୀ ପ୍ରଧାନ ଓ ସୀତାରାମ ତ୍ରିପାଠୀ ପ୍ରମୁଖ ସମ୍ମାନୀତ ଅତିଥି, ସଂଯୋଜକ ଭଗବାନ ଗୌଡ ଯୋଗଦେଇ ଶହୀଦ ପ୍ରକାଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କର ସ୍ମୃତିଚାରଣ କରିଥିଲେ।

### ବାଳ ବିକାଶ ଦିବସ ପାଳିତ

ଆସିକା,୭।୫ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ସୋମବାର ସତ୍ୟସାଇ ମନ୍ଦିର ପରିସରରେ ସତ୍ୟ ସାଇବାବାଙ୍କ ମାତା ଈଶ୍ୱରାମ୍ମାଙ୍କ ମହାପ୍ରୟାଣ ଦିବସକୁ ବାଳ ବିକାଶ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ସୋଡଷ ଉପଚାର ପୂଜା ଓ ବାଳ ବିକାଶ ପିଲାଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମିତିର ପୂର୍ବତନ ଗୁରୁମା ପ୍ରଣତି ପଟ୍ଟନାୟକ, ଡ. ଜୟପ୍ରଦା ମହାପାତ୍ର, ଦେବାଶିସ ସ୍ୱାଇଁ, ଅଙ୍କିତା ମହାନ୍ତି, ମାତା ଈଶ୍ୱରାମ୍ମାଙ୍କ ବାଲ୍ୟ ଜୀବନ, ସମାଜ ସେବା ଓ ଦିବ୍ୟ ଅନୁଭୁତି ସମ୍ପର୍କରେ ଆଲୋଚନା କରିଥିଲେ। ଗଞ୍ଜାମ ୨ ଜିଲା କର୍ମକର୍ତ୍ତା ଅଜିତ ପଟ୍ଟନାୟକ, ଗଙ୍ଗାଧର ଗୌଡ଼, ଭବାନୀ ଶଙ୍କର ପଟ୍ଟନାୟକ, ଧନଞ୍ଜୟ ମହାପାତ୍ର, ଶିବପ୍ରସାଦ ମିଶ୍ରଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

### ବିଧାୟିକା ଲତିକା ପ୍ରଧାନଙ୍କ ଜୋରଦାର ପ୍ରଚାର

କବିସୂର୍ଯ୍ୟନଗର,୭।୫ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ପ୍ରଚାର ଆରମ୍ଭ କରିଛନ୍ତି ବିଧାୟିକା ଲତିକା ପ୍ରଧାନ। ସନ୍ଧ୍ୟାରେ ବିଜେଡି କାର୍ଯ୍ୟାଳୟରୁ ହଜାର ହଜାର ସମର୍ଥକଙ୍କ ସହ ସହରର ବିଭିନ୍ନ ୱାର୍ଡ ବୁଲି ପ୍ରଚାର କରିଛନ୍ତି। ସିଧାସଳଖ ଲୋକଙ୍କ ସହ ମିଶିବ ରାଜ୍ୟ ସରକାର ବିଭିନ୍ନ ଜନହିତକାରୀ ଯୋଜନା ଓ କବିସୂର୍ଯ୍ୟନଗର ବିକାଶ କାର୍ଯ୍ୟକୁ ନେଇ ଭୋଟ ଭିକ୍ଷା କରିଛନ୍ତି।

### ଦୁଇ ପଡ଼ୋଶୀଙ୍କ ମଧ୍ୟରେ ସଂଘର୍ଷ ମାମଲା: ୨ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୭।୫(ଅଶେଷ ମିଶ୍ର)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଭ୍ରମରପୁର ଗ୍ରାମର ଓଡ଼ିଆ ସାହିର କୈଳାସ ସାହୁ ଓ ବାବୁଲା ସାହୁଙ୍କୁ ମଙ୍ଗଳବାର କେ.ନୂଆଗାଁ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ଆବେଦନ ନାମଞ୍ଜୁର ସେମାନଙ୍କୁ ଦିଗପହଣ୍ଡି ସବ ଜେଲକୁ ପଠାଇ ଦିଆଯାଇଛି। ଦୁଇ ପଡୋଶୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା।

# ଛତ୍ରପୁରରେ ବିଜେଡି-ଭାଜପା କଡ଼ା ମୁକାବିଲା

## ଥମୁନି ଦଳବଦଳ, ମଇଦାନରେ ୧୦ ପ୍ରାର୍ଥୀ

ଛତ୍ରପୁର,୭।୫(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲା ଛତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଧାୟକ ପାଇଁ ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ତେବେ ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦୀ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେଉଥିବା ଦେଖିବାକୁ ମିଳିଛି। ହାଟ୍ରିକ ଲକ୍ଷ୍ୟରେ ବିଜେଡି ରହିଥିବା ୨୪ ବର୍ଷ ପରେ ଭାଜପା ପୁଣିଥରେ ଖାତା ଖୋଲିବା ପାଇଁ ଅଣ୍ଟାଭିଡ଼ିଛି। ୨୦୦୦ ମସିହାରେ ଭାଜପା ଏଠାରୁ ବିଜୟୀ ହୋଇଥିଲା। ଦିନ ଥିଲା ଛତ୍ରପୁର ନିର୍ବାଚନୀ ମଣ୍ଡଳୀ ସିପିଆଇର ଗଡ କୁହାଯାଉଥିଲା। ତେବେ ଗତ ୨୦୧୯ ବିଧାନସଭା ନିର୍ବାଚନରେ ସିପିଆଇ ୩ ନମ୍ବରକୁ ଖସି ଆସିଥିଲା ଏବଂ ଭାଜପା ୨ ନମ୍ବରକୁ ଉନ୍ନୀତ ହୋଇଥିଲା। ବିଜେଡି ବର୍ତ୍ତମାନର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କୁ ରିପିଟ କରିଥିବା ବେଳେ ୨୦୧୪ ରେ ସିପିଆଇରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା କୃଷ୍ଣଚନ୍ଦ୍ର ନାୟକଙ୍କୁ ଭାଜପା ଏଥର ଏଠାରୁ ପ୍ରାର୍ଥୀ କରିଛି। ପ୍ରଶାନ୍ତ କର ୨୦୧୯ ନିର୍ବାଚନ ବେଳେ ବିଜେଡି ଛାଡି ଭାଜପାରେ ମିଶି ଟିକେଟ ହାତେଇଥିଲେ। ଏବେ କୃଷ୍ଣଚନ୍ଦ୍ର ନାୟକଙ୍କୁ ଭାଜପା ଟିକେଟ ଦେଇଛି । ସେ ମଧ୍ୟ ସିପିଆଇ ଛାଡି ଭାଜପାରେ ପୂର୍ବରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସାମିଲ ହୋଇଥିଲେ। ଚଳିତ ନିର୍ବାଚନରେ କଂଗ୍ରେସରୁ ଭାଗିରଥି ବେହେରା, ସିପିଆଇରୁ ଗୁରୁନାଥ ପ୍ରଧାନ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଆମ ଆଦମୀ ପାର୍ଟି, କଳିଙ୍ଗସେନା, ବହୁଜନ ସମାଜବାଦୀ ପାର୍ଟି ପ୍ରାର୍ଥୀ ଦେଇଥିବା ବେଳେ ୩ ଜଣ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ୁଛନ୍ତି। ତେବେ ଏଥର ରାଜନୀତି ପାଣିପାଗ ଭିନ୍ନ ରହିଛି। ବିଜେଡି ଛାଡି ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଭାଜପାରେ ସାମିଲ ହୋଇଥିବା ବେଳେ ଗଞ୍ଜାମ ଏନଏସି ଅଧ୍ୟକ୍ଷା, ଯିଏ କି ସ୍ୱାଧୀନରେ ବିଜୟୀ ହୋଇଥିବା ବେଳେ ସେ ଏବେ ଭାଜପାରେ ସାମିଲ ହୋଇଛନ୍ତି। ଅପରପକ୍ଷରେ ୨୦୧୯ରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ପ୍ରଶାନ୍ତ କର ଏବେ ବିଜେଡ଼ିରେ ଯୋଗଦେଇଛନ୍ତି। ସେ ଭାଜପାରୁ ଟିକେଟ ଆଶାଇ ଥିଲେ। ଏପରିକି ବିଜେଡିରେ ଏକ ବିରୋଧୀ ଗୋଷ୍ଠୀକୁ ମନାଇବାରେ ଦଳ ସଫଳ ହୋଇଛନ୍ତି ଏବଂ ସେମାନେ ସୁବାସଙ୍କ ପ୍ରଚାରରେ ସାମିଲ ହୋଇଛନ୍ତି। ଏପରିକି ଦୈନିକ ଉଭୟ ବିଜେଡି ଓ ଭାଜପା ପକ୍ଷରୁ ମିଶ୍ରଣ ପର୍ବ ଚାଲିଛି। ଏଠାରେ ଦଳ ଅଦଳବଦଳ ଥମୁନଥିବା ଦେଖାଯାଇଛି। ଦୁଇ ବ୍ଲକ ଛତ୍ରପୁର ଓ ଗଞ୍ଜାମ ଏବଂ ତିନି ଏନଏସି ଛତ୍ରପୁର,ଗଞ୍ଜାମ ଓ ରମ୍ଭାକୁ ନେଇ ଛତ୍ରପୁର ନିର୍ବାଚନମଣ୍ଡଳୀ ଗଠିତ। ୨୦୧୪ରେ ବିଜେଡିର ଡ.ପ୍ରିୟାଂଶୁ ପ୍ରଧାନ ଓ ୨୦୧୯ରେ ମଧ୍ୟ ବିଜେଡିର ସୁବାସ ବେହେରା ବିଜୟୀ ହୋଇଥିଲେ। ୨୦୧୯ ନିର୍ବାଚନରେ ବିଜେଡିର ସୁବାସ ଚନ୍ଦ୍ର ବେହେରାଙ୍କୁ ୭୪ ହଜାର ୫୯୪ ଭୋଟ ମିଳିଥିବା ବେଳେ ଭାଜପାର ପ୍ରଶାନ୍ତ କରଙ୍କୁ ୫୩ ହଜାର ୫୪୩ ଭୋଟ ମିଳିଥିଲା। ସିପିଆଇ ପ୍ରାର୍ଥୀ ପ୍ରଦୀପ ସେଠୀଙ୍କୁ ୧୨ ହଜାର ୭୬୬ ଭୋଟ ମିଳିଥିଲା। ଶେଷରେ ସୁବାସ ୨୧ ହଜାର ୫୧ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ । ମୋଟ ୧ ଲକ୍ଷ ୪୮ ହଜାର ୬୩୩ ଜଣ ଭୋଟ ଦେଇଥିବା ବେଳେ ସେଥିରୁ ୫୦ ପ୍ରତିଶତ ଭୋଟ ବିଜେଡି, ୩୬ ପ୍ରତିଶତ ଭୋଟ ଭାଜପା, ୮.୫୯ ପ୍ରତିଶତ ସିପିଆଇକୁ ଯାଇଥିଲା। ୨୦୧୪ରେ ୧ଲକ୍ଷ ୩୮ ହଜାର ୮୫୫ ଜଣ ଭୋଟ ଦେଇଥିଲେ। ସେଥିରୁ ବିଜେଡିର ଡ.ପ୍ରିୟାଂଶୁ ପ୍ରଧାନଙ୍କୁ ୩୮.୩୩ ହାରରେ ୫୩,୨୨୧, ସିପିଆଇର କୃଷ୍ଣଚନ୍ଦ୍ର ନାୟକଙ୍କୁ ୨୨.୪୭ ହାରରେ ୩୧,୨୦୨ ଓ ଭାଜପାର ଧରଣୀଧର ବେହେରାଙ୍କୁ ୧୯.୮୧ ହାରରେ ୨୭,୫୧୧ ଖଣ୍ଡ ଭୋଟ ମିଳିଥିଲା। ଏନଏସି ନିର୍ବାଚନରେ ବିଜେଡିକୁ ଶକ୍ତ ଧକ୍କା ଲାଗିଥିଲା। ଭାଜପା ଛତ୍ରପୁର ଓ ରମ୍ଭାରେ ଅଧ୍ୟକ୍ଷା ପଦ ହାତେଇଥିବା ବେଳେ ଗଞ୍ଜାମରେ ସ୍ୱାଧିନ ଅଧ୍ୟକ୍ଷା ପଦ ହାତେଇଥିଲେ। ତେବେ ଏବେ ସେ ମଧ୍ୟ ଭାଜପାରେ ସାମିଲ ହୋଇଯାଇଛନ୍ତି। ଆସନ୍ତା ୧୩ ତାରିଖରେ ଏହି ଆସନ ପାଇଁ ଭୋଟ ଗ୍ରହଣ ହେବ।

# ୯ ବଖରା ଜଳିଗଲା



ଜଳିଯାଇଥିବା ଘର।

ଧରାକୋଟ,୭।୫ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ତହସିଲ ଅନ୍ତର୍ଗତ ମଲିଝର ଗ୍ରାମରେ ମଙ୍ଗଳବାର ଭୋରରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୯ ବଖରା ଜଳିଯାଇଛି। ଗ୍ରାମର ବାଙ୍କେଶ୍ୱର ମଣ୍ଡଳ, ଲିମା ରଇତ ଓ ପ୍ରଦୀପ ଗମାଙ୍ଗଙ୍କ ଘର ସମେତ ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ଖବରପାଇ ଶେରଗଡ଼ ଦମକଳ ବାହୀନି ପହଞ୍ଚି ନିଆଁକୁ ଲିଭାଇ ଥିଲେ। ରାଜସ୍ୱ ନିରୀକ୍ଷକ ଏସ. ଯଜେୟା ଓ ସହକାରୀ ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ପୂଜାରୀ ଅଗ୍ନି ବିପନ୍ନଙ୍କ ପାଖରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହ ପଲିଥିନ ଯୋଗାଇ ଦେଇଥିଲେ। ମାଣିକପୁର ପଞ୍ଚାୟତ ତରଫରୁ ସରପଞ୍ଚଙ୍କ ପ୍ରତିନିଧି ସାନ୍ତନୁ ବିଷୋୟୀ ବିପନ୍ନ ପରିବାର ପାଇଁ ଦିନକର ବ୍ୟବସ୍ଥା କରିଥିଲେ। ପରିବାରଗୁଡ଼ିକୁ ଆବାସ ଯୋଜନାରେ ଘର ସହ ସରକାରୀ ସହାୟତା ଯୋଗାଇବା ପାଇଁ ଦାବି ହେଉଛି ।

# ବସ୍‌ରୁ ଖସି କଲେଜ ଛାତ୍ରଙ୍କ ମୃତ୍ୟୁ

## ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ, ଟେକାପଥର ମାଡ଼

ହିଞ୍ଜିଳିକାଟୁ, ୭।୫ (ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ରାଳବ ଛକରେ ଏକ ଘରୋଇ ବସ୍‌ରୁ ଖସିପଡ଼ି ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହିଞ୍ଜିଳିକାଟୁ ବ୍ଲକ ପୁଟିଆପଦର ଗ୍ରାମର ରାହୁଲ ନାୟକ (୧୮) । କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଗ୍ରାମବାସୀ ମୃତଦେହ ରାସ୍ତାରେ ରଖି ଟାୟାର ଜାଳି ହିଞ୍ଜିଳିକାଟୁ -ତାରାତାରିଣୀ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଟେକା ପଥର ମାଡ଼ରେ ଦୁର୍ଘଟଣା ଘଟାଇଥିବା ବସ୍‌ଟି ଭାଙ୍ଗି ଯାଇଛି। ପୁଲିସ ପ୍ରଶାସନ, ଜନ ପ୍ରତିନିଧି ପ୍ରମୁଖ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପରେ ରାସ୍ତାରୋକ ହଟିଥିଲା। ହିଞ୍ଜିଳି ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ବସ୍ ଓ ମୃତଦେହକୁ ପୋଲିସ ଜବତ କରିଛି।


ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉତ୍ତେଜନା।

ବ୍ୟବଛେଦ ସକାଶେ ମୃତଦେହକୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଛି ପୋଲିସ । ଦୁର୍ଘଟଣା ପରେ ଡ୍ରାଇଭର ଓ ବସ କର୍ମଚାରୀ ଫେରାର ଅଛନ୍ତି। ମଙ୍ଗଳବାର ଅପରାହ୍ନରେ ରାହୁଲ ଟିୟୁସନରୁ ଫେରି ପୁଟିଆପଦର ଗ୍ରାମକୁ ଯାଉଥିଲେ । ରାଳବ ଛକ ନିକଟରେ କୌଣସି କାରଣରୁ ସେ ବସ୍ ତଳକୁ ଖସି ପଡିଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବା ନିମନ୍ତେ ବିଡ଼ିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ପୋଲିସ ଟିମ, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ପହଞ୍ଚି କ୍ଷତିପୂରଣ ବାବଦରେ ୩ ଲକ୍ଷ ଟଙ୍କା ପ୍ରଦାନ କରାଯିବା ପରେ ରାସ୍ତାରୋକ ହଟିଥିଲା।

# ସୋସିଆଲ ମିଡିଆରେ ବୋହୁଛି ନିର୍ବାଚନୀ ହାୱା

ବୁଗୁଡ଼ା, ୭।୫(କାଳିଚରଣ ଦାଶ)

ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ଆସ୍କା ଲୋକ ସଭା ଏବଂ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଗ୍ରହଣ ଆସନ୍ତା ମେ ୨୦ ତାରିଖରେ ହେବ। ଏଥିପାଇଁ ଗାଁରୁ ଆରମ୍ଭ କରି ସହର ଯାଏ ସବୁଠି ବାତାବରଣ ଉଷ୍ମ ହୋଇଉଠିଛି। ଚଳିତ ନିର୍ବାଚନରେ ସୋସିଆଲ ମିଡିଆ ତଥା ଡିଜିଟାଲ୍ ପ୍ଲାଟଫର୍ମ ଉପରେ ବିଭିନ୍ନ ଦଳ ଓ ପ୍ରାର୍ଥୀମାନେ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି। ଫେସବୁକ, ଇନଷ୍ଟାଗ୍ରାମ, ୟୁଟ୍ୟୁବ, ହ୍ୱାଟ୍ସଆପ ଆଦି ସୋସିଆଲ ମିଡିଆ ଖୋଲୁ ଖୋଲୁ ଆସୁଛି ନିର୍ବାଚନୀ ହାୱା। ବିରୋଧାଭାସଠୁ ଆରମ୍ଭ କରି ପ୍ରଚାର, ଘନ ଘନ ମିଶ୍ରଣ ପର୍ବ ଏବଂ ଭୋଟର କାହାକୁ ଭୋଟ ଦେବେ, କେଉଁ ଦଳର ପ୍ରଭାବ କେମିତି ରହିଛି ତାହା ଦେଖିବାକୁ ମିଳୁଛି। ଏହିଥର ନିର୍ବାଚନରେ ଡିଜିଟାଲ ପ୍ଲାଟଫର୍ମ ନେତାଙ୍କ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ପାଇଁ ଭଲ ମାଧ୍ୟମ ହୋଇଛି। ଏହା ଉପରେ ନେତାମାନେ ଭରସା କରି ଜନ ସମର୍ଥନ ହାତେଇବା ପାଇଁ ବ୍ୟଗ୍ର ହୋଇପଡିଛନ୍ତି। ଆୟୋଜିତ ଦଳୀୟ କାର୍ଯ୍ୟକ୍ରମଗୁଡିକୁ ଡିଜିଟାଲ ପ୍ଲାଟଫର୍ମରେ ଛାଡ଼ିବା ପାଇଁ ବ୍ୟାକୁଳ ହେଉଛନ୍ତି। ଯୁବବର୍ଗ ଡିଜିଟାଲ ପ୍ଲାଟଫର୍ମରେ ଅଭ୍ୟସ୍ତ ହୋଇଥିବା ବେଳେ ସେମାନଙ୍କୁ ସବୁ ଦଳ ଆକୃଷ୍ଟ କରିବାକୁ ପ୍ରୟାସ କରୁଛନ୍ତି। ଏପରି କି ବିଭିନ୍ନ ଦଳ ପକ୍ଷରୁ ଫୋନ କଲ ବି ଆସୁଛି। ଲୋକଙ୍କୁ ନାନା ପ୍ରତିଶ୍ରୁତି ଦେଇ ଦଳୀୟ ପ୍ରାର୍ଥୀମାନେ ଭୋଟଭିକ୍ଷା କରୁଛନ୍ତି। ଯେ କୌଣସି କାର୍ଯ୍ୟକ୍ରମ ଦେଖିଲେ ସେଥିରେ ମାଳ ମାଳ ଦଳୀୟ ବିଜ୍ଞାପନ ଆସୁଛି। ନିର୍ବାଚନ ମୈଦାନରେ କାହାର କେତେ ଦମ୍ ଅଛି ତାହାକୁ ଦର୍ଶାଯାଉଛି। ପ୍ରାର୍ଥୀମାନେ ନିଜ ନିଜର ପ୍ରଚାର ସହିତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଦାରେ ପକାଇବା ପାଇଁ ଏହାକୁ ବ୍ୟବହାର କରୁଛନ୍ତି।

# ଫ୍ଲାଇଙ୍ଗ ସ୍କ୍ୱାଡର ଯାଞ୍ଚ କଡ଼ାକଡ଼ି



ଫ୍ଲାଇଙ୍ଗ ସ୍କ୍ୱାଡ ପକ୍ଷରୁ ଯାଞ୍ଚ କରାଯାଉଛି।

ଛତ୍ରପୁର, ୭।୫ (ସନ୍ତୋଷ ପାଢ଼ୀ ):

ଗଞ୍ଜାମ ଜିଲାରେ ଚଳିତ ମାସ ୧୩ ତାରିଖରେ ଚତୁର୍ଥ ପର୍ଯ୍ୟାୟ ଏବଂ ୨୦ ତାରିଖରେ ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ ଭାବେ ପରିଚାଳନା କରିବା ନେଇ ପର୍ଯ୍ୟାପ୍ତ ସଂଖ୍ୟକ ଫ୍ଲାଇଙ୍ଗ ସ୍କ୍ୱାଡ ଟିମ ଗଠନ କରାଯାଇଛି। ସେହି ଦଳ ଦ୍ୱାରା ୨୪ ଘଣ୍ଟା ଚଢାଉ କାର୍ଯ୍ୟ କରାଯାଉଛି। ବିଭିନ୍ନ ଯାନବାହନ ଯାଞ୍ଚ କରାଯାଉଛି। ଜିଲାରେ ନିଯୁକ୍ତ ଥିବା ପର୍ଯ୍ୟବେକ୍ଷକଗଣ ସମସ୍ତ ଅଞ୍ଚଳ ଗସ୍ତକରି ନିର୍ବାଚନ କାର୍ଯ୍ୟକଳାପ ଓ ଗତିବିଧି ଉପରେ ଦୃଷ୍ଟି ରଖିଛନ୍ତି । ଜନସାଧାରଣଙ୍କୁ ମଧ୍ୟ ପ୍ରଶାସନ ପକ୍ଷରୁ ନିବେଦନ କରାଯାଉଛି ନିର୍ବାଚନ ସଂକ୍ରାନ୍ତରେ କୌଣସି ଠାରେ କେହି ପ୍ରଲୋଭନ ଦେଖାଇ ଭୋଟରମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିବା ନଜର ଆସିଲେ ଇ-ଭିଜିଲ ଆପରେ କିମ୍ବା ସଂପୃକ୍ତ ଅଞ୍ଚଳର ନିର୍ବାଚନ ଅଧିକାରୀଙ୍କ ନଜରକୁ ଆଣିବାକୁ କୁହାଯାଉଛି।

# ଆସିକା ଭାଜପା ବିଧାୟକ ପ୍ରାର୍ଥୀଙ୍କ ଜୋରଦାର ପ୍ରଚାର


ଆସିକା ବିଧାୟକ ପ୍ରାର୍ଥୀ ସରୋଜ ପାଢ଼ୀ କର୍ମୀମାନଙ୍କ ସହିତ ପ୍ରଚାର କରୁଛନ୍ତି।

କବିସୂର୍ଯ୍ୟନଗର, ୭।୫(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ସୁନାପଲ୍ଲୀ ପଞ୍ଚାୟତ ଗୁଣ୍ଠପଡା, ଅସିନୀପୁର ଆଦି ଗ୍ରାମରେ ଭାଜପା ପ୍ରଚାର ଜୋରଦାର କରିଛି । କବିସୂର୍ଯ୍ୟନଗର ବ୍ଲକର ୧୨ଟି ପଞ୍ଚାୟତ ଆସିକା ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ। ଏଠି ଦୀର୍ଘ ୨୪ବର୍ଷ ହେଲା ବିଜେଡିର ଗଡ଼ ହୋଇଆସୁଥିବା ବେଳେ ଏବେ ରାଜନୈତିକ ଚିତ୍ର ବଦଳିବା ସମ୍ଭାବନା ସୃଷ୍ଟି ହୋଇଛି। ମୋଦିଙ୍କ ଗ୍ୟାରେଣ୍ଟିକୁ ଲୋକେ ଅଧିକ ବିଶ୍ୱାସକୁ ନେଲେଣି।ଏହି ଅବସରରେ ଆସିକା ବିଧାୟକ ପ୍ରାର୍ଥୀ ସରୋଜ ପାଢ଼ୀ ନିଜ କର୍ମୀମାନଙ୍କୁ ନେଇ ଏକ ନିର୍ବାଚନୀ ସଭା ଗୁଣ୍ଠପଡାରେ ଅନୁଷ୍ଠିତ ହୋଇଥିଲା । ପରେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଗୁଣ୍ଠପଡା, ଅସିନୀପୁର ଆଦି ଗାଁ ପରିକ୍ରମା କରିଥିଲେ। ଶ୍ରୀ ପାଢ଼ୀ ମୋଦିଙ୍କ ଗ୍ୟାରେଣ୍ଟି କାର୍ଡ ଘରକୁ ଘର ଯାଇ ବାଣ୍ଟିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ । ଉକ୍ତ ନିର୍ବାଚନ ପ୍ରଚାରରେ ଭାଜପା ଯୁବନେତା ବାଇନାଥ ମହାପାତ୍ର, କାମ ବିଶ୍ୱାଳ, ସନ୍ଦୀପ ପାଢ଼ୀ, ଭିକାରୀ ମହାନ୍ତି, ବବି ସ୍ୱାଇଁ, ରବୀନ୍ଦ୍ର ମହାନ୍ତି, ରବୀନ୍ଦ୍ର ବାରିକ, ବିଦ୍ୟାଧର ସ୍ୱାଇଁ, ସମୀର ସ୍ୱାଇଁ, ଅଶୋକ ପ୍ରଧାନ, ବନବିର ସ୍ୱାଇଁ ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇଥିଲେ।

# ବିଜେଡିରେ ମିଶିଲେ କଂଗ୍ରେସ କର୍ମୀ


ବିଜେଡିରେ ସାମିଲ ହୋଇଥିବା ଅନ୍ୟଦଳର କର୍ମୀମାନେ।

ଧରାକୋଟ,୭।୫(ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ଧରାକୋଟ ବ୍ଲକ ବାହାରପୁର ଗ୍ରାମର ବହୁ କଂଗ୍ରେସ କର୍ମୀ ଓ ସମର୍ଥକ ବିଜେଡିରେ ମିଶିଛନ୍ତି। ସେମାନେ ସାନଖେମୁଣ୍ଡି ବିଜେଡି ପ୍ରାର୍ଥିନୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଓ ତାଙ୍କ ମା' ତଥା ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ବିଜେଡିରେ ସାମିଲ ହୋଇଥିଲେ। ବିଜେଡିର ନୀତି ଆଦର୍ଶ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ପାଇଁ ବାବୁଲା ସ୍ୱାଇଁ, ଜିଲୁ ମୁନି, ଅରୁଣ ମୁନି, ତୁଫାନ ଭୂୟାଁ, ଗଗନ ଗୌଡ଼, ପ୍ରଦ୍ୟୁମ୍ନ ବେହେରା, କଂଗ୍ରେସ ମୁନି, ବଳରାମ ସ୍ୱାଇଁ, ଟିକିରି ସେଠୀଙ୍କ ସମେତ ଅନେକ ସମର୍ଥକ ବିଜେଡିରେ ସାମିଲ ହେବା ପରେ ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଓ ନନ୍ଦିନୀ ଦେବୀ ସେମାନଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।

# ଗଡ଼ ରକ୍ଷା ପାଇଁ ସିପିଆଇଏମ୍‌ର ମିଳିତ କର୍ମୀ ସମାବେଶ

ଗଞ୍ଜାମ,୭।୫(ବିଦ୍ୟାଧର ସାହୁ)

ଛତ୍ରପୁର ନିର୍ବାଚନ ମଣ୍ଡଳୀ ସିପିଆଇର ଗଡ଼ ଭାବେ ବେଶ ପରିଚିତ ଥିଲା। କିନ୍ତୁ ଗତ ଦୁଇ ଦଶନ୍ଧି ଧରି ଏହି ଆସନକୁ ବିଜୁ ଜନତା ଦଳ ନିଜ କବ୍‌ଜାରେ ରଖିଛି। ଚଳିତ ନିର୍ବାଚନରେ କେମିତି ନିଜ ଗଡ଼ ପୁଣି ଫେରିପାଇବ ସେଥିଲାଗି ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ପଞ୍ଚାୟତର ପଣିବନ୍ଧ ଗ୍ରାମ ସ୍ଥିତ ତ୍ରିନାଥ ମନ୍ଦିର ଠାରେ ସିପିଆଇଏମର କର୍ମୀ ସମାବେଶ ଅନୁଷ୍ଠିତ ହୋଇଛି। ବରିଷ୍ଠ ନେତା ଦିଲ୍ଲୀପ ଛୋଟରାୟ ଓ ସିପିଆଇର ଦଣ୍ଡପାଣି ପାତ୍ରଙ୍କ ମିଳିତ ସଭାପତିତ୍ୱରେ ଆୟୋଜିତ ବିଶାଳ କର୍ମୀ ସମାବେଶରେ ଚଳିତ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଗୁରୁନାଥ ପ୍ରଧାନଙ୍କୁ ଧାନ କେଣ୍ଡା ଚିହ୍ନରେ ଭୋଟ ଦେଇ ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଏହି ସମାବେଶରେ ସିପିଆଇର ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନଗୋ, ସିପିଏମ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା, ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାୟ, ରାମଚନ୍ଦ୍ର ନାୟକ, ପୂର୍ଣ୍ଣ ରଥ, ପୂର୍ଣ୍ଣଚନ୍ଦ୍ର ପଲାଇ, ଅଜୟ ଗୌଡ଼, ସନ୍ତୋଷ ତରାଇ, ବରିଷ୍ଠ ନେତା ଦାମୋଦର ବାରିକି, ଜୟନ୍ତ ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଛତ୍ରପୁର ନିର୍ବାଚନ ମଣ୍ଡଳୀର ପ୍ରାୟ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



ସିପିଆଇଏମ୍‌ର ମିଳିତ କର୍ମୀ ସମାବେଶ।

# ରାଜନୈତିକ ଦଳ ସହ ପର୍ଯ୍ୟବେକ୍ଷକଙ୍କ ବୈଠକ

## ଅବାଧ, ମୁକ୍ତ, ନିରପେକ୍ଷ ନିର୍ବାଚନ ଉପରେ ଗୁରୁତ୍ୱ

ଛତ୍ରପୁର, ୭।୫
(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)

ଗଞ୍ଜାମ ଜିଲାର ଆସ୍କା ନିର୍ବାଚନ ନିମନ୍ତେ ସମସ୍ତ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ପ୍ରାର୍ଥୀ ଓ ପ୍ରତିନିଧିମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ବୈଠକରେ ଗଞ୍ଜାମ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଦିବ୍ୟଜ୍ୟୋତି ପରିଡା ଉପସ୍ଥିତ ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥୀଙ୍କ ପ୍ରତିନିଧିମାନଙ୍କୁ ଆଦର୍ଶ ଆଚରଣ ବିଧିର ଅନୁପାଳନ କରି କିଭଳି ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ହେବ ସେହି ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆସ୍କା ଲୋକସଭା ଓ ଆସ୍କା, ସୋରଡା, ସାନଖେମୁଣ୍ଡି, ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ହିଞ୍ଜିଳି ବିଧାନସଭା ଗୁଡିକର ମତଦାନ ଚଳିତମାସ ୨୦ ତାରିଖରେ ଅନୁଷ୍ଠିତ ହେବ । ଏହି ନିର୍ବାଚନର ସମସ୍ତ ଦିଗ ପ୍ରତି


ବୈଠକରେ ପର୍ଯ୍ୟବେକ୍ଷକ, ଜିଲାପାଳ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

ନଜର ରଖିବା ଓ ପରିଚାଳନା ତୃଟିଶୂନ୍ୟ ରହିବ ସେଥିପାଇଁ ଭାରତୀୟ ନିର୍ବାଚନ କମିଶନର ବିଭିନ୍ନ ପର୍ଯ୍ୟବେକ୍ଷକ ମାନଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି । ଏହି ସମସ୍ତ ଅଞ୍ଚଳର ନିର୍ବାଚନ ସକାଶେ ସାଧାରଣ ପର୍ଯ୍ୟବେକ୍ଷକ ହରିମୋହନ ମୀନା ଯୋଗାଯୋଗ ନଂ-୭୦୦୮୫୦୭୨୦୬, ସାଧାରଣ ପର୍ଯ୍ୟବେକ୍ଷକ ଡା. ଆର୍ଥୀ ଏମ. ଯୋଗାଯୋଗ ନଂ- ୮୨୪୯୭୧୨୪୬୫, ପୋଲିସ ପର୍ଯ୍ୟବେକ୍ଷକ ରାଗସୁଦ୍ଧା ଆର୍. ଯୋଗାଯୋଗ ନଂ-୭୦୦୮୫୧୨୩୦୬, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଜି. ଇଲାମୁରୁଗୁ, ଯୋଗାଯୋଗ ନଂ- ୯୬୯୨୫୨୯୬୪୨, ଖର୍ଚ୍ଚ ପର୍ଯ୍ୟବେକ୍ଷକ ମନୀଷ ଦୁଦପୁରୀ ଯୋଗାଯୋଗ ନଂ-୯୬୯୨୫୪୫୯୯୭ ଏବଂ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁନୀଲ କିଶାନ ଆଗୱାନୀ, ଯୋଗାଯୋଗ ନଂ ୯୬୯୨୫୪୨୭୩୯ ପ୍ରଦାନ କରାଯାଇ ଅଛି। କୌଣସି ନିର୍ବାଚନ ସମ୍ବନ୍ଧୀୟ ଅଭିଯୋଗ ଆସି ସଂପୃକ୍ତ ପର୍ଯ୍ୟବେକ୍ଷକଙ୍କୁ ଫୋନ କରି ସିଧାସଳଖ ଜଣାଇପାରିବେ। ପ୍ରାର୍ଥୀମାନେ ନିଜର ପ୍ରଚାର ପ୍ରସାର କରିବା ନିମନ୍ତେ ବିଭିନ୍ନ ପୋଷ୍ଟର ହୋର୍ଡିଂ, ଖବରକାଗଜ, ବୈଦ୍ୟୁତିକ ଗଣମାଧ୍ୟମ, ସୋସିଆଲ ମିଡିଆରେ ଯାହା ଖର୍ଚ୍ଚ କରୁଛନ୍ତି ତାହା ନିର୍ଦ୍ଧାରିତ ଖର୍ଚ୍ଚ ତାଲିକାରେ ଜଣାଇବାକୁ କୁହାଯାଇଛି। ପ୍ରାର୍ଥୀଗଣ ନିର୍ବାଚନରେ ବ୍ୟବହାର କରୁଥିବା ଯାନବାହନର ଅନୁମତି ପତ୍ର ଗ୍ରହଣ କରି ସେଗୁଡିକ ସଂପୃକ୍ତ ଯାନବାହନରେ ଦର୍ଶାଇବାକୁ କୁହାଯାଇଛି। ଦୈନିକ ନିର୍ବାଚନ ଖର୍ଚ୍ଚ ନିମନ୍ତେ ସ୍ୱତନ୍ତ୍ର ବ୍ୟାଙ୍କ ଖାତା ଖୋଲି ସେଥିରେ ପରିଚାଳନା କରିବାକୁ କୁହାଯାଇଛି । କୌଣସି ବୁଥରେ ବିଶୃଙ୍ଖଳା ପରିସ୍ଥିତି ଦେଖାଯିବାର ସମ୍ଭାବନା ଯଦି ଥାଏ ତାହା ପୂର୍ବରୁ ସଂପୃକ୍ତ ଅଞ୍ଚଳର ନିର୍ବାଚନ ଅଧିକାରୀଙ୍କୁ ଜଣାଇବାକୁ କୁହାଯାଇଛି।

## ସଂକ୍ଷେପରେ

### ୮ ଡକାୟତ କୋର୍ଟ ଚାଲାଣ

ଫିରିଙ୍ଗିଆ, ୭।୫(ବିକ୍ରମ ଦିଗାଲ)

ଫିରିଙ୍ଗିଆ ଥାନା ଅଧୀନରେ ଥିବା ମାଝିପଡ଼ା ଗାଁ ଓ ତିଳକପଡ଼ା ଗାଁରେ ଡକାୟତ କରିଥିବା ୮ ଡକାୟତଙ୍କୁ ମଙ୍ଗଳବାର ପୋଲିସ ଫୁଲବାଣୀ କୋର୍ଟ ଚାଲାଣ କରିଛି। ସେମାନଙ୍କ ମଧ୍ୟରୁ ତିଳକ ପଡ଼ା ୫ ଡକାୟତ ଓ ମାଝିପଡ଼ା ୩ ଡକାୟତ ବୋଲି ପୋଲିସ ପ୍ରକାଶ କରିଛି। ସେମାନଙ୍କ ମଧ୍ୟରୁ ଡକାୟତରେ ବ୍ୟବହାର ହେଉଥିବା ଗାଡ଼ି, ବନ୍ଧୁକ ଓ ହୋଣ୍ଡା ଇତ୍ୟାଦି ପୋଲିସ ଜବତ କରିଛି। ଏ ନେଇ ନଂ. ୧୦୭/୨୪ ଓ ୧୧୦/୨୪ରେ ମାମଲା ରୁଜୁ ହୋଇଛି।

### ବଳାତ୍କାର ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୭।୫ (ଅରୁଣ ସାହୁ /ମନୋରଞ୍ଜନ ରଣା)

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ବଳାତ୍କାର ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ତାଜୁଙ୍ଗିଆ ପଞ୍ଚାୟତ ଅଞ୍ଚଳର ବସନ୍ତ ମଲିକ। ବସନ୍ତଙ୍କ ନାମରେ ଏକ ବଳାତ୍କାର ମାମଲା (୩/୨୩ )ରହିଥିବା ବେଳେ ଏକ ଜାମିନ ବିହୀନ ଗିରଫ ପରୱାନା ରହିଥିଲା। ସୂଚନା ଯେ, ଏବେ ସାଧାରଣ ନିର୍ବାଚନ ରହିଥିବାରୁ ବିଭିନ୍ନ ମାମଲାରେ ରହିଥିବା ଅପରାଧୀଙ୍କୁ ପୋଲିସ ଖୋଜି ଗିରଫ କରୁଛି, ସେହିକ୍ରମରେ ଅଭିଯୁକ୍ତଙ୍କୁ ପୋଲିସ ନିଜ ଅଞ୍ଚଳ ତାଜୁଙ୍ଗିଆରୁ ଗିରଫ କରିଛି।

### ବଜ୍ରପାତରେ ୯ ଗୋରୁଙ୍କ ଜୀବନ ଗଲା

ଦାରିଙ୍ଗବାଡି /ବ୍ରାହ୍ମଣୀଗାଁ, ୭।୫ (ଅରୁଣ ସାହୁ /ମନୋରଞ୍ଜନ ରଣା)



ମୃତ ଗୋରୁମାନେ।

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ସିକପାଟା ଛକ ନିକଟ ଏକ ଆମ୍ବ ଗଛ ତଳେ ମଙ୍ଗଳବାର ଗୋରୁ ଆଶ୍ରୟ ନେଇଥିବା ବେଳେ ବଜ୍ରପାତ ହେବାରୁ ୯ ଗୋରୁଙ୍କ ମୃତ୍ୟୁ ଘଟିଛି। ସରାମୁଲି ପଞ୍ଚାୟତ ଗୁଡ୍ରିଗାଁର ଗୋରୁ ଚରିବାକୁ ସିକପାଟା ଛକ ଅଞ୍ଚଳରେ ବୁଲୁଥିଲେ। ଏହି ସମୟରେ କାଳବୈଶାଖୀ ପ୍ରଭାବରେ ମେଘ ପବନ ସହ ବର୍ଷା ଓ ବିଜୁଳି ହୋଇଥିଲା। ଫଳରେ ବଜ୍ରପାତରେ ଗୋରୁଙ୍କ ମୃତ୍ୟୁ ଘଟିଥିଲା। ଗୁଡ୍ରିଗାଁର ଲଙ୍କେଶ୍ୱର ଦାରାମାଝୀଙ୍କ ଗୋଟିଏ ଗୋରୁ ସମେତ ଲାଜର ମାଝିଙ୍କ ୩ଟି, ଯୋହନ ମାଝୀଙ୍କ ୨ଟି, ରାଜେନ୍ଦ୍ର ଦାରାମାଝିଙ୍କ ଗୋଟିଏ, ଯାକବ ମାଝିଙ୍କ ଗୋଟିଏ ଏବଂ ମାନସ ମାଝିଙ୍କ ଗୋଟିଏ ଗୋରୁ ଥିଲେ। ଖବର ପାଇ ୧୧ ନଂ. ଜିଲାପରିଷଦ ଜୋନ୍‌ର ସଦସ୍ୟା ଦୀପିକା ମୁଠାମାଝି ପହଞ୍ଚି ଲୋକଙ୍କ ଗୁହାରି ଶୁଣିଛନ୍ତି। ସେ ପ୍ରଶାସନକୁ ଖବର ଦେଇ ଲୋକଙ୍କ କ୍ଷତିପୂରଣ ପ୍ରଦାନରେ ସାହାଯ୍ୟ କରିବେ ବୋଲି କହିଛନ୍ତି।

# ମୋବାଇଲ ନେଟୱାର୍କ ଦାବିରେ ରାସ୍ତାରୋକୋ

## ଓରା ପଞ୍ଚାୟତବାସୀଙ୍କ ଭୋଟ ବର୍ଜନ ଚେତାବନୀ



ପଞ୍ଚାୟତ ସମିତି କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦିଆଯାଇଛି।

କୋଟଗଡ଼,୭।୫ (ସରୋଜ ବଳିଆରସିଂ)

କୋଟଗଡ ବ୍ଲକ ଓରା ପଞ୍ଚାୟତ ଓ ପାଖାପାଖି ଅଞ୍ଚଳରେ ଦୀର୍ଘଦିନ ହେଲା ବିଏସଏନ୍‌ଏଲ ଓ ଜିଓ ମୋବାଇଲ ସେବା ମିଳୁନି। ଫଳରେ ଲୋକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାର ପ୍ରତିବାଦରେ ମଙ୍ଗବାର ପ୍ରଶାସନ ବିରୋଧରେ ଓରା ପଞ୍ଚାୟତବାସୀ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲେ। ସେମାନେ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିବା ସହ ପଞ୍ଚାୟତ ସମିତି କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଓରା ପଞ୍ଚାୟତର ବହୁ ପୁରୁଷ ଓ ମହିଳା କୋଟଗଡ଼ରୁ ମୁନିଗୁଡ଼ା, ରାୟଗଡ଼ା ବାଲିଗୁଡ଼ା ଆଦକୁ ଯାଇଥିବା ୫ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଏଥିଯୋଗୁ ଦୀର୍ଘ ସମୟ ଧରି ଯାତ୍ରୀବାହି ବସଗୁଡିକ ଅଟକି ରହିଥିଲା। ଯାତ୍ରୀମାନେ ଅସୁବିଧା ଭୋଗିଥିଲେ। ମାଲ ବୋଝେଇ ଟ୍ରକ ବି ଅଟକି ରହିଥିଲା। ନିର୍ବାଚନ ପୂର୍ବରୁ ଯଦି ଏହି ସମସ୍ୟାର ସମାଧାନ ନ ହୁଏ ତେବେ ଭୋଟ ବର୍ଜନ କରିବା ପାଇଁ ସମୂହ ଓରା ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି।

# ଅନ୍ତର୍ଜାତୀୟ ଖେଳକୁଦରେ କିଶୋରଙ୍କୁ ୩ ସ୍ୱର୍ଣ୍ଣ



ପାରଳାଖେମୁଣ୍ଡି, ୭।୫ (ଗିରିଧାରୀ ପରିଛା)

ନିକଟରେ ଶ୍ରୀଲଙ୍କାରେ ୪ ରୁ ୬ ଏପ୍ରିଲ ପର୍ଯ୍ୟନ୍ତ ହୋଇଥିବା ଅନ୍ତର୍ଜାତୀୟ ମାଷ୍ଟର୍ସ ଖେଳକୁଦ ପ୍ରତିଯୋଗିତାରେ ଗଜପତିର କିଶୋର ଚନ୍ଦ୍ର ରଥ ଭାଗ ନେଇଥିଲେ। ସେ ୧୦୦ ମିଟର ଦୌଡ଼, ଲଙ୍ଗଜମ୍ପ ଏବଂ ଟ୍ରିପଲଜମ୍ପରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଗଜପତି ଜିଲା ତଥା ଓଡିଶା ପାଇଁ ଆଣିଥିବା ବିରଳ କୃତିତ୍ୱ ପାଇଁ ସେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଏସଡବ୍ଲ୍ୟୁଡବ୍ଲ୍ୟୁଏସର ସଭାପତି ଡ଼ଃ ଡି. ଜଗନ୍ନାଥ ରାଜୁଙ୍କ ସହାୟତା ଓ ସହଯୋଗରେ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ପ୍ରେରଣା ପାଇଥିଲେ। ସେ କହନ୍ତି, ନିଜ ଶରୀର ସୁସ୍ଥ ରଖିବାକୁ ନିୟମିତ ବ୍ୟାୟାମ ଜରୁରୀ ଯେଉଁଠି ବୟସ ହାର ମାନେ।

# ଭାଜପା ଛାଡ଼ି ବିଜେଡିରେ ମିଶିଲେ ପ୍ରଶାନ୍ତ



ଶଙ୍ଖଭବନରେ ସମର୍ଥକମାନଙ୍କ ସହ ସାମିଲ ହେଉଛନ୍ତି ପ୍ରଶାନ୍ତ କର।

ଛତ୍ରପୁର, ୭।୫ (ଦିଲ୍ଲୀପ ସାମଲ):

ଶଙ୍ଖଭବନରେ ବିଜୁ ଜନତା ଦଳରେ ସାମିଲ ହେଲେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର କର । ତାଙ୍କ ସହିତ ଶତାଧିକ ଛାମୁଆ ନେତା ଓ କର୍ମୀ ମଙ୍ଗଳବାର ବିଜେଡିରେ ମିଶିଛନ୍ତି। ସ୍ୱଚ୍ଛ ଶାସନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ୨୦୧୯ ନିର୍ବାଚନରେ ଶ୍ରୀ କର ଭାଜପା ପକ୍ଷରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ । ତାଙ୍କୁ ୫୩ ହଜାର ୫୪୩ ଖଣ୍ଡ ଭୋଟ ମିଳିବା ସହ ସେ ୨ୟ ସ୍ଥାନରେ ରହିଥିଲେ। ତେବେ ବ୍ୟକ୍ତିଗତ କାରଣରୁ ନିଜ ଇସ୍ତଫା ପତ୍ର ରାଜ୍ୟ ସଭାପତିଙ୍କୁ ପଠାଇଥିବା କହିଛନ୍ତି। ଏହି ମିଶ୍ରଣ ପର୍ବରେ ସୁବଳୟା ପଞ୍ଚାୟତ ସମିତିସଭ୍ୟା ମାମି ଦାଶ, ଗଞ୍ଜାମ ଏନଏସିର ପୂର୍ବତନ ମଣ୍ଡଳ ସଭାପତି ସୁଦାମ ଜେନା, କଣମଣା ମଣ୍ଡଳ ଏସସି ମୋର୍ଚ୍ଚା ସଭାପତି ଗୋକୁଳ ପ୍ରଧାନ, ସନ୍ତୋଷପୁର ମଣ୍ଡଳ ସାଧାରଣ ସଂପାଦକ ପ୍ରମୋଦ ମହରଣା, ହୁମ୍ମା ମଣ୍ଡଳ ଏସସି ମୋର୍ଚ୍ଚା ସଭାପତି ସିମାଞ୍ଚଳ ଦାଶ, ରମ୍ଭା ଏନଏସି ମଣ୍ଡଳ ସାଧାରଣ ସଂପାଦକ ଚିତ୍ରସେନ ବେହେରା, ସାନରାମଚନ୍ଦ୍ରପୁର ୱାର୍ଡ ମେମ୍ବର ବସନ୍ତ ଦାଶ, ବିଳାଶ ନାହାକ, ଚନ୍ଦ୍ରମୋହନ ବେହେରାଙ୍କ ସମେତ ଶତାଧିକ କର୍ମୀ ଭାଜପା ଛାଡି ବିଜେଡିରେ ସାମିଲ ହୋଇଛନ୍ତି ।

### ଶ୍ରୀ କୃଷ୍ଣଶରଣପୁର, ବିକ୍ରମପୁରରେ ଭାଜପାର ପ୍ରଚାର

ଖଲ୍ଲିକୋଟ,୭।୫(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଭାଜପା ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସେଠୀ ମଙ୍ଗଳବାରେ ଖଲ୍ଲିକୋଟ ବ୍ଲକର ଶ୍ରୀକୃଷ୍ଣ ଶରଣପୁର, ବିକ୍ରମପୁର ପଞ୍ଚାୟତର ଗ୍ରାମ ପରିକ୍ରମା କରି ପଥପ୍ରାନ୍ତ ସଭା ମାଧ୍ୟମରେ ଜୋରଦାର ପ୍ରଚାର ଅଭିଯାନ କରିଥିଲେ। ଶ୍ରୀକୃଷ୍ଣ ଶରଣପୁର ଗ୍ରାମରେ ରାମଚନ୍ଦ୍ର ପାହାନ, ଅଭିମନ୍ୟୁ ପାହାନଙ୍କ ସମେତ ମହିଳା ପୁରୁଷ ଗ୍ରାମବାସୀ ଫୁଲମାଳ ଦେଇ ଭାଜପା ବିଧାୟକ ପ୍ରାର୍ଥୀ ଏବଂ ଭାଜପା ଜିଲା ସମ୍ପାଦକ ଅନିଲ କୁମାର ପଣ୍ଡାଙ୍କୁ ସ୍ୱାଗତ କରିଥିଲେ। ଶ୍ରୀକୃଷ୍ଣ ଶରଣପୁର ଗ୍ରାମ ସମେତ ରାମଚନ୍ଦ୍ରପୁର, ପୂର୍ଣ୍ଣଚନ୍ଦ୍ରପୁର, ସିଙ୍ଗଡ଼ାପଲ୍ଲୀ, ଗୁରୁଣ୍ଡି ଗ୍ରାମରେ ବୁଲି ଭୋଟ ଭିକ୍ଷା କରିଥିଲେ। ଏହି ପ୍ରଚାର ରାଲିରେ ବହୁସଂଖ୍ୟକ ଦଳୀୟ ନେତା କର୍ମୀ ସାମିଲ ଥିଲେ।

# ଘରକୁ ଘର ବୁଲି ଭୋଟ ମାଗୁଛନ୍ତି ସିନେ ତାରକା



ପାରଳାଖେମୁଣ୍ଡି, ୭।୫ (ଗିରିଧାରୀ ପରିଛା)

ନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରଚାର ସେତିକି ଜୋରଦାର ହେବାରେ ଲାଗିଛି। ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ନେତା ନିଜ ନିଜ ସମର୍ଥିତ ପ୍ରାର୍ଥୀଙ୍କ ସହ ନିର୍ବାଚନ ପ୍ରଚାର କରୁଛନ୍ତି। ଆସନ୍ତା ୧୩ ତାରିଖରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ରୂପେଶ ପାଣିଗ୍ରାହୀ ଓ ସ୍ତ୍ରୀ ମଧୁସ୍ମିତା ପ୍ରଚାର କାର୍ଯ୍ୟରେ ଲାଗିପଡ଼ିଥିବା ବେଳେ ତାଙ୍କ ପାଇଁ ଘର ଘର ବୁଲି ସିନେ ତାରକା ଲିପ୍ସା ମିଶ୍ର ଓ ଦୀପକ ଭୋଟ ଭିକ୍ଷା କରୁଛନ୍ତି। ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଘରକୁ ଘର ବୁଲି ଲୋକଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟା ବୁଝିବା ସହିତ ନିର୍ବାଚିତ ହୋଇ ଆସିଲେ ସବୁ ସମସ୍ୟାର ସମାଧାନ କରିବେ ବୋଲି ଭୋଟରଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି। ନିର୍ବାଚନ ମଣ୍ଡଳୀ ଲୋକେ ରୂପେଶଙ୍କୁ ନିଶ୍ଚିତ ଭୋଟ ଦେଇ ବିଜୟୀ କରିବେ ବୋଲି ମତ ରଖିଛନ୍ତି ସ୍ତ୍ରୀ ମଧୁସ୍ମିତା। ଏହି ନିର୍ବାଚନ ମଣ୍ଡଳୀରେ ତ୍ରିମୁଖୀ ଲଢେଇ ହେଉଛି। ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ କଡ଼ା ଟକର ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

# ହାତୀପଲ ୩୦ ଏକର ଫସଲ ନଷ୍ଟ କଲେ

## ବନ୍ୟପ୍ରାଣୀ ସୁରକ୍ଷା ପାଇଁ ରକ୍ଷକ ବାହନ ଉଦ୍‌ଘାଟିତ

ଭଞ୍ଜନଗର,୭।୫(ବାବୁଲା ପ୍ରଧାନ):



ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜଗଡ ରେଞ୍ଜରେ ଆଜକୁ କିଛିଦିନ ହେବ ହାତୀପଲ ଆତଙ୍କ ବଢ଼ିବାରେ ଲାଗିଛି। ବୁଧବାର ଓ ମଙ୍ଗଳବାର ହାତୀପଲ ରାଇପଲ୍ଲୀ,ତୋଡକପଲ୍ଲୀରେ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ପ୍ରାୟ ୩୦ ଏକର ଜମିରେ ହୋଇଥିବା ଆମ୍ବ, କାଜୁ, ପଣସ, କଦଳୀ ପ୍ରମୁଖ ଫସଲ ହାତୀପଲ ପଶି ନଷ୍ଟ କରିଛନ୍ତି। ଏଥିରେ ଚାଷୀ ସୁଭେଗା ପ୍ରଧାନ, ରଞ୍ଜିତ ପ୍ରଧାନ, ମନୋଜ ପ୍ରଧାନ ପ୍ରମୁଖ କ୍ଷତି ସହିଛନ୍ତି। ଲକ୍ଷାଧିକ ଟଙ୍କାର ଫସଲ କ୍ଷତି ନେଇ ଚାଷୀମାନେ ଚିନ୍ତାରେ ଅଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି। ଏହିଭଳି ପରିସ୍ଥିତିରେ ବୁଧବାର ସଂଧ୍ୟାରେ ଭଞ୍ଜନଗର ଜଙ୍ଗଲରେ ମୂଜାଗଡ ରାସ୍ତାରେ ଏକ ଦନ୍ତା ହାତୀ ଆତଙ୍କ ଦେଖା ଦେଇଥିଲା। ହାତୀଟି କିଛି ସମୟ ରାସ୍ତା ଉପରେ ଅଟକି ରହିବା ଯୋଗୁଁ କିଛି ସମୟ ପାଇଁ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଅପରପକ୍ଷେ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଏହି ବନଖଣ୍ଡ ପକ୍ଷରୁ ରକ୍ଷକ ବାହନ ଉଦଘାଟିତ ହୋଇଯାଇଛି। ଏହାକୁ ଡିଏଫଓ ହିମାଂଶୁ ଶେଖର ମହାନ୍ତି ଉଦଘାଟନ କରିଥିଲେ। ଯେଉଁଠି ବନ୍ୟପ୍ରାଣୀ ବିପଦରେ ପଡ଼ିବ ସେଠୀ ଉକ୍ତ ବାହନ ପହଞ୍ଚି ବନ୍ୟପ୍ରାଣୀଙ୍କୁ ଉଦ୍ଧାର କରିବ। ଉକ୍ତ ଗାଡ଼ିରେ ୧୦ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏଥିସହ ଯନ୍ତ୍ରପାତି ଉକ୍ତ ଗାଡ଼ିରେ ଲାଗିଛି। ରକ୍ଷକ ବାହନ ଉଦଘାଟନ ଉତ୍ସବକୁ ରେଞ୍ଜର ବିମ୍ବାଧର ସାହୁ ସଂଯୋଜନା କରିଥିଲେ।

# କଂଗ୍ରେସ ପ୍ରାର୍ଥୀ ଦାଶରଥି ଗମାଙ୍ଗଙ୍କ ପ୍ରଚାର

ନୂଆଗଡ଼,୭।୫(ଯୋଗ୍ୟବନ୍ତ ପରିଛା)



ସମର୍ଥକମାନଙ୍କ ସହ ଦଶରଥି ଗମାଙ୍ଗ ପ୍ରଚାର କରୁଛନ୍ତି।

ମୋହନା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଦାଶରଥୀ ଗମାଙ୍ଗ ତାଙ୍କ ସମର୍ଥକଙ୍କ ସହିତ ନୂଆଗଡ ବ୍ଲକର ବିଭିନ୍ନ ପଞ୍ଚାୟତରେ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। କଂଗ୍ରେସ ବ୍ଲକ ସଭାପତି ଯାକୁବ ରାଇକା, ଜିଲା ସମ୍ପାଦକ ପୁରୁଷୋତ୍ତମ ପାଣିଗ୍ରାହୀ, ସଞ୍ଜୟ ବେବର୍ତ୍ତା, ସୁନୀଲ ସିଂ, ଲାଜର କର, ସୁମନ୍ତ କର, ମାନସ ପାଣି, ମୀନ ମଣ୍ଡଳ, ପୃଥିବୀ ପାଳଙ୍କ ସମେତ ବହୁ ନେତା ଓ କର୍ମୀ ଦାଶରଥୀଙ୍କ ସହ ପ୍ରଚାର କରିଥିଲେ। ପ୍ରତ୍ୟେକ ଗ୍ରାମରେ ଦାଶରଥୀ ଓ କଂଗ୍ରେସ ବରିଷ୍ଠ ନେତାଙ୍କୁ ମହିଳାମାନେ ସ୍ୱାଗତ ଜଣାଇଥିଲେ। ଦାଶରଥି ନିଜ ଅଭିଭାଷଣରେ କଂଗ୍ରେସ ଆସିଲେ ବହୁ ବିକାଶ ମୂଳକ କାର୍ଯ୍ୟ ଯଥା କୃଷକ ଋଣ ଛାଡ଼ କରିବା, ଯୁବକମାନଙ୍କୁ ରୋଜଗାର ଦେବା, ରନ୍ଧନ ଗ୍ୟାସ ୫୦୦ ମୂଲ୍ୟରେ ଦେବା, ମହିଳାମାନଙ୍କୁ ବସରେ ମାଗଣା ଯାତ୍ରା ବ୍ୟବସ୍ଥା ଆଦି କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଜୟଯୁକ୍ତ କରାନ୍ତୁ ବୋଲି ନିବେଦନ କରିଥିଲେ।

# ଭୋଟ୍ ହାତେଇବାକୁ ତିନି ଦଳର ପ୍ରାର୍ଥୀଙ୍କ ଜୋରସୋର ପ୍ରଚାର

ବାଲିଗୁଡା, ୭।୫(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଲୋକ ସଭା ଅନ୍ତର୍ଗତ ବାଲିଗୁଡ଼ା ୮୨ ନଂ ବିଧାନସଭା ଆସନଟି କାହା ହାତକୁ ଯିବ, ସେ ନେଇ ସବୁ ଚା'ଖଟି ଏବଂ ବିଭିନ୍ନ ଜନଗହଳି ପୂର୍ଣ୍ଣ ସ୍ଥାନରେ ଚର୍ଚ୍ଚା ଚାଲିଛି। ଏପରି ସ୍ଥଳେ ବିଧାୟକ ପ୍ରାର୍ଥୀ ଭାବରେ ବିଜେଡି ପକ୍ଷରୁ ଚକ୍ରମଣି କହଁର, କଂଗ୍ରେସରୁ ଉପେନ୍ଦ୍ର ପ୍ରଧାନ, ଭାଜପା ପକ୍ଷରୁ କଳ୍ପନା କହଁର ହୋଇଥିବା ବେଳେ ନ୍ୟାଶନାଲ ଅପନୀ ପାର୍ଟି ତରଫରୁ ପ୍ରାର୍ଥୀ ଜୟସିଂ ମଲିକ ଏବଂ ମାନସ ଲୋକଶକ୍ତି ଦଳ ତରଫରୁ ଅଜୟ କୁମାର ମଲ୍ଲିକ ଅବତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ମୁଖ୍ୟତଃ ବାଲିଗୁଡା ବିଧାନସଭା ଆସନରେ ତ୍ରିମୁଖୀ ଲଢେଇ ହେବ। ବିଜେଡିରୁ ବିଧାୟକ ପ୍ରାର୍ଥୀ ଚକ୍ରମଣି କହଁର ହୋଇଥିବା ବେଳେ ଭାଜପାରୁ ମହିଳା ପ୍ରାର୍ଥୀ ଭାବେ କଳ୍ପନା କହଁରଙ୍କୁ ଟିକେଟ ଦେଇଛି। ଏପଟେ କଂଗ୍ରେସରୁ ଉପେନ୍ଦ୍ର ପ୍ରଧାନ ମୈଦାନକୁ ଓହ୍ଲାଇଛନ୍ତି। ଟିକେଟ ଘୋଷଣା ପରେ ସମସ୍ତ ପ୍ରାର୍ଥୀ ଏବେ ଗ୍ରାଉଣ୍ଡରେ ଜୋରସୋରରେ ଚଳାଇଛନ୍ତି କ୍ୟାମ୍ପେନ। ଏ ସବୁ ଭିତରେ ସମସ୍ତ ଭୋଟରଙ୍କ ମନରେ ଗୋଟିଏ କଥା କାହାର ହେବ ବାଲିଗୁଡା ବିଧାନସଭା ଆସନ ? ଗାଁ ଗାଁରେ ସଭା, ସମ୍ମିଳନୀ କରି ଜନ ସମର୍ଥନ ଗୋଟାଉଛନ୍ତି ତିନି ଦଳର ପ୍ରାର୍ଥୀ। ବିଜେଡି ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ନେଇ ପ୍ରଚାର କରୁଛି। ଗତ ନିର୍ବାଚନ ଅପେକ୍ଷା ଚଳିତ ଥରର ନିର୍ବାଚନ କଡ଼ା ଟକ୍କର ହେଉଥିବା ଯୋଗୁଁ ତିନି ପ୍ରମୁଖ ଦଳର ପ୍ରାର୍ଥୀମାନେ ଘରକୁ ଘର ବୁଲି ଭୋଟ୍ ଭିକ୍ଷା କରୁଛନ୍ତି। ଏପଟେ ବିଜେଡି ଓ ଭାଜପାର କଡ଼ା ମୁକାବିଲା ଦେଖିବାକୁ ବାଲିଗୁଡା ଭୋଟର ଅପେକ୍ଷା କରିଥିବା ବେଳେ କଂଗ୍ରେସ ନେଇପାରେ ନିର୍ଣ୍ଣାୟକ ଭୂମିକା। ଚଳିତ ଥର ବିଜେଡି ଦ୍ୱିତୀୟ ଥର ପାଇଁ ଚକ୍ରମଣିଙ୍କୁ ଭରସା କରି ଟିକେଟ ଦେଇଥିବା ବେଳେ ଭାଜପା ଓ କଂଗ୍ରେସ ରାଜନୀତିରେ ସମ୍ପୂର୍ଣ୍ଣ ନୂଆ ପ୍ରାର୍ଥୀଙ୍କୁ ଦେଇ ମୈଦାନକୁ ଓହ୍ଲାଇବା ସହ ଭୋଟରଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ଜୋରଦାର କସରତ ଆରମ୍ଭ କରିଛନ୍ତି। ବିଜେଡି ପକ୍ଷରୁ ଷ୍ଟାର ପ୍ରଚାରକ ଭାବେ ବାଲିଗୁଡାକୁ କାର୍ତ୍ତିକ ପାଣ୍ଡିଆନ ଆସି ହଜାର ହଜାର ଭୋଟରଙ୍କ ଉପସ୍ଥିତିରେ ଏକ ନିର୍ବାଚନୀ ସଭା କରି ଫେରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଭାଜପା ଓ କଂଗ୍ରେସର ସେପରି କିଛି ନିର୍ବାଚନୀ ସଭା କରିପାରିନାହିଁ। ୨୦୧୪ ଓ ୨୦୧୯ ନିର୍ବାଚନର ଗଣନାକୁ ଲକ୍ଷ୍ୟ କଲେ କଂଗ୍ରେସ ଦ୍ୱିତୀୟ ସ୍ଥାନ ଓ ଭାଜପା ତୃତୀୟ ସ୍ଥାନରେ ରହିଆସିଛି। ନିର୍ବାଚନ ବୈତରଣୀ ପାର ହେବା ନେଇ ଏବେ ପ୍ରମୁଖ ତିନି ଦଳର ପ୍ରାର୍ଥୀ ଆରମ୍ଭ କଲେଣି କସରତ। ଛକାପଞ୍ଝା ରାଜନୀତି ବାଲିଗୁଡା ବିଧାନସଭା ଲଢ଼େଇକୁ ରୋଚକ କରିଥିବା ବେଳେ ଜନମତ କାହା ସପକ୍ଷରେ ଯିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।



ଚକ୍ରମଣି କହଁର (ବିଜେଡି)



କଳ୍ପନା କହଁର (ଭାଜପା)



ଉପେନ୍ଦ୍ର ପ୍ରଧାନ (କଂଗ୍ରେସ)

**Government of Odisha**
**Department of Social Security and Empowerment of Persons with Disabilities**
**No.3443/SSEPD** **Dt.04.05.2024**
SSEPD-DA6-SCH-0004-2023

**2nd CORRIGENDUM TO e-TENDER NOTICE NO. 1644 Dated 02.03.2024**

**No.gg-01:** In pursuance with Technical Committee meeting for consideration of the submissions of prospective bidders in the Pre-bid meeting held on 15.03.2024, following is hereby incorporated in the e-tender bid documents issued vide e-Tender Notice No. 1644 dated 02.03.2024:
1. Annexure-1: List of Equipment with Technical Specifications of the Tender Document is hereby revised by incorporating the recommendations of the technical committee. The Final List of Equipment along with Proceedings is enclosed at Annexure-1.
2. An undertaking/ affidavit should be submitted by the bidders to ensure that they have not been declared ineligible, non-performing, involved in fraud or blacklisted etc. by any State Govt. / Central Govt. /PSU and if found involved in any of the above fraudulent practices anytime, their bid may be cancelled or rejected summarily.
3. There should be service centres setup at Odisha by the selected agencies for repair, replacement and maintenance of the equipment to be installed for seamless post sales service. The agreement of the selected bidder should be legally vetted by experts so that any dispute regarding maintenance of the equipment can be addressed in time properly. 4. Department will consider installation of the equipment by the selected (L1) bidder in one or two centres initially so that after three months of operation the performance can be judged and reported on the basis of data. On the basis of satisfactory performances, installation in other centres may be considered during the year. 5. Last date for submission of e-tender bids was extended up to 27.05.2024-5 PM vide corrigendum notice No. 2593/SSEPD dtd. 22.03.2024. Technical Bids will be opened on Dt. 28.05.2024- 11.30 AM at Conference Hall of SSEPD Department, Lokseva Bhawan, Bhubaneswar.

**Sd./- Director**
**SSEPD Department**
OIPR-46001/11/0001/2425

## ସଂକ୍ଷେପରେ

### ଟେଣ୍ଟ ହାଉସ୍ ମାଲିକଙ୍କୁ ଆକ୍ରମଣ

ବ୍ରହ୍ମପୁର,୭।୫(ସୁବାସ ଚନ୍ଦ୍ର ପାଢ଼ୀ)

ନିର୍ବାଚନ ପ୍ରଚାର ଗାଡିରେ ଲାଇଟ ଓ ସାଉଣ୍ଡ ଲଗାଇଥିବା ଜଣେ ଟେଣ୍ଟ ହାଉସ ମାଲିକଙ୍କୁ ଆକ୍ରମଣ ହୋଇଛି। ବ୍ରହ୍ମପୁରର ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଜଣେ ବିଧାୟକ ପ୍ରାର୍ଥୀଙ୍କ ସମର୍ଥକ ମରଣାନ୍ତକ ଆକ୍ରମଣ କରିଥିବା ଚନ୍ଦ୍ରମଣିପେଟା ସାହିର ପ୍ରଦୀପ କୁମାର ପଣ୍ଡା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପ୍ରଦୀପ ଜଣେ ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର ଗାଡିରେ ଲାଇଟ ଓ ସାଉଣ୍ଡ ଲଗାଇଛନ୍ତି। ସୋମବାର ସେ ଏସଏସଏଭିଟି ସିନେମା ହଲ ନିକଟରେ ପ୍ରଚାର ଗାଡିରେ ଲାଇଟ ଓ ସାଉଣ୍ଡ ଠିକ ଅଛି କି ନାହିଁ ବୋଲି ଯାଞ୍ଚ କରୁଥିବା ବେଳେ ପ୍ରାର୍ଥୀଙ୍କ ସମର୍ଥକ ଜଣଙ୍କ ସେଠାରେ ପହଞ୍ଚି କାହିଁକି ବିଳମ୍ବ ହେଲା ବୋଲି ତାଙ୍କୁ ପଚାରିଥିଲେ। ଏପରକି ସେ ଗାଳିଗୁଲଜ କରିବା ସହ ପ୍ଲାଷ୍ଟିକ ପାଇପରେ ଆକ୍ରମଣ କରିଥିଲେ ବୋଲି ପ୍ରଦୀପ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

### ଚୋରି ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର,୭।୫(ସୁବାସ ଚନ୍ଦ୍ର ପାଢ଼ୀ)

ଜଣଙ୍କ ଘରୁ ଇନ୍‌ଭର୍ଟର ଚୋରି ଅଭିଯୋଗରେ ନିମଖଣ୍ଡି ପୋଲିସ ଅଭିଯୁକ୍ତ ଯୁବକଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବାବାଜିତୋଟା ସାହିର ଶ୍ରୀଧର ଦାସ(୩୦)। ଏହି ଥାନା ଅନ୍ତର୍ଗତ ବିଜୟ ବିହାର ମେନରୋଡରେ ରହୁଥିବା ଅନୁପ କୁମାର ପଣ୍ଡା ଗତ ୪ତାରିଖ ଅପରାହ୍ନରେ ଶୋଇଥିବା ବେଳେ ତାଙ୍କ ଘରୁ ଇନଭର୍ଟର ମେଶିନ ଓ ଏସି ତାର ଚୋରି ହୋଇଯାଇଥିଲା। ସେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସି ଟିଭି ଫୁଟେଜ ଆଧାରରେ ତଦନ୍ତ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା।

### ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ବ୍ରହ୍ମପୁର,୭।୫ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ( ଏସିଜେଏମ) ଅଲେଖ କୁମାର ପ୍ରଧାନ ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଲେ ପାଟପୁର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର କଂଗ୍ରେସ ନାୟକ(୬୭)। ତାଙ୍କୁ ବିଚାରପତି ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ୨ ହଜାର ଟଙ୍କା ଜରିମାନା ଦେବେ ବୋଲି ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟ ୧୫ ଦିନ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ବିଚରପତି ରାୟରେ ଉଲ୍ଲେଖ କରିଛନ୍ତି ।

ରାମଚନ୍ଦ୍ରପୁର ଗ୍ରାମର ବଳରାମ ଦଳାଇ ଏବଂ ଅଭିଯୁକ୍ତ କଂଗ୍ରେସଙ୍କମଧ୍ୟରେ ପୂର୍ବ ଶତ୍ରୁତା ଲାଗି ରହିଥିଲା ।୨୦୧୪ ଜାନୁଆରୀ ୧୮ ତାରିଖରେ ବଳରାମ ପୋଖରୀରୁ ଗାଧୋଇ ଫେରୁଥିବା ବେଳେ କଂଗ୍ରେସ ତାଙ୍କୁ ଅଟକାଇ ମୁଣ୍ଡରେ ଛେଚିଥିଲେ। ଏ ନେଇ ବଳରାମଙ୍କ ପୁଅ ଟୁକୁନା ପାଟପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କଂଗ୍ରେସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛି ଦିନ ପରେ ସେ ଜାମିନରେ ମୁକୁଳିଥିଲେ। ଏହି ମାମଲାର ବିଚାର ବେଳେ କଂଗ୍ରେସ କୋର୍ଟରେ ହାଜର ହୋଇନଥିଲେ ଏବଂ ସହଯୋଗ ମଧ୍ୟ କରିନଥିଲେ । ଫଳରେ ତାଙ୍କ ନାଁରେ ଏନବିଡବ୍ଲ୍ୟୁ ଜାରି ହୋଇଥିଲା। ପୋଲିସ ୨୦୧୭ରେ ପୁଣି କଂଗ୍ରେସଙ୍କୁ ଗିରଫ କରି ଜେଲ ପଠାଇଥିଲା ।୨୦୨୧ରେ ତାଙ୍କୁ ଜାମିନ ମିଳିଥିଲା । ମାମଲାର ବିଚାର ବେଳେ ମୋଟ ୧୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଏହାକୁ ଭିତ୍ତି କରି ମାଜିଷ୍ଟ୍ରେଟ କଂଗ୍ରେସଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଜଗନ୍ନାଥ ମିଶ୍ର ଓ କୁରେଶ ଗୌଡ ମକଦ୍ଦମା ପରିଚାଳନା କରୁଥିଲେ ।

# ରାଜୀବ ଆବାସ ଛାଡ଼ିବାକୁ ଚେତାବନୀ

ବ୍ରହ୍ମପୁର,୭।୫(ସ୍ମୃତି ରଞ୍ଜନ ମହାଲିକ)

■ଖସୁଛି ପଲସ୍ତରା, ଛାତରୁ ଗଳୁଛି ପାଣି

■ପିଇବା ପାଣି ପାଇଁ ନାକେଦମ

ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ପକ୍ଷରୁ ନିର୍ମିତ ରାଜୀବ ଆବାସ ଆପାର୍ଟମେଣ୍ଟଗୁଡିକ ବର୍ତ୍ତମାନ ବିପଦସଙ୍କୁଳ ହୋଇପଡିଛି। ସୁରକ୍ଷା ପାଇଁ ସେଠାରେ ରହୁଥିବା ଲୋକେ ଆପାର୍ଟମେଣ୍ଟ ଛାଡ଼ିବାକୁ ଚେତାବନୀ ଦେଇଛନ୍ତି। ମହାନଗରର ୨୭ ନଂ ୱାର୍ଡ ଅନ୍ତର୍ଗତ ନେହେରୁ ନଗର ୧୦ମ ଲେନ ରାଜୀବ ଆବାସ ଆପାର୍ଟମେଣ୍ଟରେ ଏଭଳି ସ୍ଥିତି ଉପୁଜିଛି। ଏହି ଆପାର୍ଟମେଣ୍ଟରେ ମାଛବନ୍ଧ ସାହି, ଶାଳିଆବନ୍ଧ ସାହି, ଆଇନା ବନ୍ଧ, ଗୁଡସ ରୋଡ ଓ ଡିପ ସାହିର ବସ୍ତି ବାସିନ୍ଦା ୫ ବର୍ଷ ହେଲା ରହି ଆସୁଛନ୍ତି। ହେଲେ ଏଠାରେ ଦୀର୍ଘଦିନ ହେଲା ପାଣି ସମସ୍ୟା ଲାଗି ରହିଛି। ଛାତ ବିପଦସଙ୍କୁଳ ଅବସ୍ଥାରେ ଥିବାବେଳେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏଠାରେ 'ଏ' ଠାରୁ 'କେ' ଯାଏଁ ବ୍ଲକ ରହିଛି। ୫୦୦ରୁ ଊର୍ଦ୍ଧ୍ୱ ପରିବାର ଏଠାରେ ରହୁଛନ୍ତି। ୪ଟି ବ୍ଲକ ପାଇଁ ୨ଟି ଓ ଆଉ ୬ଟି ବ୍ଲକ ପାଇଁ ୨ଟି ପାଣି ମୋଟର ରହିଛି। ତେବେ ମୋଟରଗୁଡିକ ଦୀର୍ଘଦିନ ଧରି ଖରାପ ହୋଇଯାଇଥିବାରୁ ପାଣି ମିଳୁନି।


ଆପାର୍ଟମେଣ୍ଟ ପରିସରରେ ଆବର୍ଜନା ପଡିରହିଛି।

**ସେମାନେ କୁହନ୍ତି**



ପୂର୍ବରୁ ଯେଉଁଠି ଥିଲୁ ଭଲରେ ଥିଲୁ। ଏବେ ସରକାର ଦେଇଥିବା କୋଠାରେ ଭୟ ମଧ୍ୟରେ ରହିଛୁ। କୋଠା ସୁରକ୍ଷିତ ନୁହେଁ। ମରାମତି କ୍ଷେତ୍ରରେ କିଛି ବି କରାଯାଉ ନାହିଁ। ସ୍ୱଚ୍ଛତା ସଂପୂର୍ଣ୍ଣ ଭୁଶୁଡି ପଡିଛି। ସଫେଇ କର୍ମଚାରୀମାନେ ମନମୁଖୀ କାର୍ଯ୍ୟ କରୁଛନ୍ତି। ତେଣୁ କୋଠା ଛାଡ଼ିବାକୁ ବାଧ ହେବୁ।

*– ମିତା ବାଡତ୍ୟା, ଆପାର୍ଟମେଣ୍ଟ ବାସିନ୍ଦା*



୪୦ ହଜାର ଟଙ୍କା ଦେଇ ଆପାର୍ଟମେଣ୍ଟରେ ରହିଲୁ। କିନ୍ତୁ ଅସୁବିଧାରେ ଅଛୁ। ଛାତରୁ ପାଣି ଝରୁଛି। କୋଠାରୁ ସିମେଣ୍ଟ୍ ପଲସ୍ତରା ଖସୁଛି। ବାରମ୍ବାର ଲୋକ ପ୍ରତିନିଧିଙ୍କୁ କହୁଛୁ। କିନ୍ତୁ କୌଣସି ସମାଧାନ ହେଉନି। ତେଣୁ କୋଠା ଛାଡ଼ିବାକୁ ବାଧ ହେବୁ।

*– ରଶ୍ମିତା ସାହୁ , ଆପାର୍ଟମେଣ୍ଟ ବାସିନ୍ଦା*

ଆପାର୍ଟମେଣ୍ଟର ଅନତୀ ଦୂରରେ ଥିବା ନଳକୂଅରୁ ପାଣି ଆଣିବାକୁ ପଡୁଛି। ୪ ମହଲା ଉପରେ ରହୁଥିବା ବାସିନ୍ଦା ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ସେହିଭଳି ଡ୍ରେନ ସଫା ହେଉ ନ ଥିବାରୁ ଆବର୍ଜନା ପାଣି ଜମି ରହୁଛି। ସଫେଇ କର୍ମଚାରୀ ମଧ୍ୟ ଆପାର୍ଟମେଣ୍ଟ୍ ପରିସର ସଫେଇ କରୁ ନାହାନ୍ତି। ପରିବେଶ ଅପରିଷ୍କାର ରହୁଛି। ସଫେଇ କର୍ମଚାରୀ ମାସିକ ୩୦ଟଙ୍କା ମାଗୁଥିବା ଅଭିଯୋଗ ହୋଇଛି। ସୋଲାର ଷ୍ଟ୍ରିଟ ଲାଇଟ ଗୁଡିକ ଜଳୁନାହିଁ। ବିଇଏମସି ପକ୍ଷରୁ ଡଷ୍ଟବିନ ଯୋଗାଇ ଦିଆଯାଇନାହିଁ। ତେଣୁ ଅଳିଆ ଆବର୍ଜନା ଏଣେ ତେଣେ ପଡି ରହୁଛି। ଆପାର୍ଟମେଣ୍ଟ୍ କୋଠାରେ ସିମେଣ୍ଟ୍ ପଲସ୍ତରା ଖସି ଲୁହାରଡ ଦେଖାଯାଉଛି। କୋଠାଗୁଡିକରେ ଥିବା ଝରକ ସବୁ ମଧ୍ୟ ଭାଙ୍ଗିରୁଜି ଯାଇଛି। ଛାତ ଉପରେ ପାଣି ଜମି ରହି ଘରର କାନ୍ଥ ନଷ୍ଟ ହୋଇ ଗଲାଣି। ବାସିନ୍ଦାମାନେ ଘର ପିଛା ୪୦ହଜାର ଟଙ୍କା ନିଗମଠାରେ ପୈଠ କରିଛନ୍ତି। କିନ୍ତୁ ନିଗମ କୋଠା ହସ୍ତାନ୍ତର ପରେ ଏହାର ମରାମତି କିମ୍ବା ସ୍ୱଚ୍ଛତା ପାଇଁ ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଏଭଳି ସମସ୍ୟା କାରଣରୁ ଉକ୍ତ ଆପାର୍ଟମେଣ୍ଟ୍‌ରେ ବହୁ ହିତାଧିକାରୀ ସେଠାରେ ରହୁ ନାହାନ୍ତି।

# ବିଜେଡିର ପ୍ରଚାର ଗାଡ଼ି ଭଙ୍ଗାରୁଜା, ଚାଳକଙ୍କୁ ମାଡ଼

ଗୋପାଳପୁର,୭।୫(ନବୀନ ରାଜ ଆଚାରୀ)

ଚଟି ଛକଠାରେ ବିଜେଡିର ଏକ ପ୍ରଚାର ଗାଡିକୁ ଭାଜପାର କେତେଜଣ କର୍ମୀ ଭଙ୍ଗାରୁଜା କରିବା ସହ ଗାଡି ଚାଳକଙ୍କୁ ମାଡ଼ ମାରିଥିବା ଗୋଳନ୍ଥରା ଥାନାରେ ଅଭିଯୋଗ କରାଯାଇଛି। ମନ୍ତ୍ରୀଡି ଅଞ୍ଚଳର ଗାଡି (ନଂ.ଓଡି ୦୭ ଏମ ୧୧୭୩) ଚଟି-ମନ୍ତ୍ରୀଡ଼ି ରାସ୍ତା ଦେଇ ପ୍ରଚାରରେ ଯାଉଥିଲା। ଉକ୍ତ ଡ୍ରାଇଭର ତ୍ରିନାଥ ସେଠୀ ଓ ହେଲପର ଅଜିତ କର ପ୍ରମୁଖଙ୍କ ଭାଜପାର କେତେଜଣ କର୍ମୀଙ୍କ ସହ କଥା କଟାକଟି ହୋଇଥିଲା। ପରେ ସେମାନେ ତ୍ରିନାଥଙ୍କୁ ଟାଣି ଆଣି ମାଡ଼ ମାରିବା ସହ ଜାତିଆଣ ମନ୍ତବ୍ୟ ଦେଇ ଗାଳି ଗୁଲଜ କରିଥିଲେ। କେତେଜଣ ଗାଡ଼ି କାଚ ଭଙ୍ଗିବା ସହ ବ୍ୟାନର ଚିରି ଦେଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ତ୍ରିନାଥଙ୍କ ଅଭିଯୋଗକ୍ରମେ ନଂ.୨୦୯/୨୪ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ରହ୍ମପୁର ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ପରିଡା କହିଛନ୍ତି, ଜାତିଆଣ ମନ୍ତବ୍ୟ ଓ ଆକ୍ରମଣ ନେଇ ମାମଲା ହୋଇଛି। ସାକ୍ଷୀମାନଙ୍କୁ ପଚରାଉଚରା ଚାଲିଛି। ପ୍ରମାଣ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବ୍ରହ୍ମପୁରରେ ପାଣ୍ଡିଆନ୍‌ଙ୍କ ରୋଡ୍ ଶୋ'

## ଗୋଳାବନ୍ଧରେ ଧବଳେଶ୍ୱର ମନ୍ଦିର କାର୍ଯ୍ୟ ସମୀକ୍ଷା



ବ୍ରହ୍ମପୁର/ଗୋପାଳପୁର,୭।୫
(ନରସିଂହ ସାହୁ/ନୀବନ ରାଜ ଆଚାରୀ)

ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ମଙ୍ଗଳବାର ସନ୍ଧ୍ୟାରେ ବ୍ରହ୍ମପୁରରେ ବିଶାଳ ରୋଡ ଶୋ' କରିଥିଲେ। ଫାଷ୍ଟଗେଟଠାରୁ ଆରମ୍ଭ ହୋଇଥିବା ରୋଡ ଶୋ' ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଗୋସାଣି ନୂଆଗାଁ ଓଭରବ୍ରିଜ୍ ପର୍ଯ୍ୟନ୍ତ ଯାଇଥିଲା। ଭୋଟ ପ୍ରଚାର ପାଇଁ ହୋଇଥିବା ଏହି କାର୍ଯ୍ୟକ୍ରମ ଯୋଗୁ ମହାନଗରରେ ଦୀର୍ଘ ସମୟ ଧରି ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। କମାପଲ୍ଲୀ ନିକଟରେ ପାଣ୍ଡିଆନ ଗାଡ଼ିରୁ ଓହ୍ଲାଇ ସମବେତ ଦଳୀୟ ନେତା ଓ କର୍ମୀ ଏବଂ ନବୀନ ପ୍ରେମୀଙ୍କ ସହ କିଛି ସମୟ ଆଲୋଚନା କରିଥିଲେ। ବିଜେଡି ଶାସନରେ ରେଶମ ସହରରେ ହୋଇଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ନେଇ ଅବଗତ କରାଇଥିଲେ। ନବୀନ ପଟ୍ଟନାୟକଙ୍କୁ ପୁଣି ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ଲାଗି ସେ ଆଶୀର୍ବାଦ କାମନା କରିଥିଲେ। ପୁଣି ବିଜେଡି ସରକାର ହେଲେ ଆହୁରି ଅନେକ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ ହେବ ପ୍ରତିଶ୍ରୁତି ଦେଇଥିଲେ। ୧୩ ତାରିଖରେ ଭଲ ପ୍ରାର୍ଥୀଙ୍କୁ ଭୋଟ ଦେବା ଓ ବିରୋଧୀଙ୍କୁ ପ୍ରତ୍ୟାଖ୍ୟାନ କରିବାକୁ କହିଥିଲେ। ବ୍ରହ୍ମପୁର ଲୋକସଭା ବିଜେଡି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଜିତାଇବାକୁ ନିବେଦନ କରିଥିଲେ।

ପୂର୍ବାହ୍ନରେ ପାଣ୍ଡିଆନ ଗୋଳାବନ୍ଧ ଧବଳେଶ୍ୱର ମନ୍ଦିର ଦର୍ଶନ କରି ରୂପାନ୍ତରଣ କାର୍ଯ୍ୟ ସମୀକ୍ଷା କରିଥିଲେ। ମନ୍ଦିର କାର୍ଯ୍ୟର ଅଗ୍ରଗତି ଆଲୋଚନା କରିଥିଲେ। ଜିଲା ପରିଷଦ,ସରପଞ୍ଚ, ସମିତି ସଭ୍ୟ ଓ ବିଶିଷ୍ଟ ବିଜେଡି ନେତାଙ୍କ ସହିତ ଆଲୋଚନା କରି ସମସ୍ୟା ପଚାରି ବୁଝିବା ସହ ଚଳିତ ନିର୍ବାଚନରେ ଆଉ ଅଧିକ ପରିଶ୍ରମ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସମୟରେ ରାଜ୍ୟସଭା ସଦସ୍ୟ ମାନସ ମଙ୍ଗରାଜ, ବ୍ରହ୍ମପୁର ଏମପି ଚନ୍ଦ୍ର ଶେଖର ସାହୁ, ଗୋପାଳପୁର ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡା, ଜିଲା ପରିଷଦ ଉପସଭାନେତ୍ରୀ ଏସ. ରାଜେଶ୍ୱରୀ ଦୋରା, ଜିଲା କାର୍ଯ୍ୟକାରୀ ସଭାପତି ସି.ଏଚ. ଦିଲେଶ୍ୱର ରେଡି, ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ଜିଲା ସାଧାରଣ ସମ୍ପାଦକ ଭରତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିକ୍ରମଙ୍କ ପ୍ରଚାରରେ ଅଭିନେତ୍ରୀ ଚାନ୍ଦିନୀ


ଚାନ୍ଦିନୀ ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡାଙ୍କ ସହ ପ୍ରଚାର କରୁଛନ୍ତି।

ଗୋପାଳପୁର,୭।୫(ନବୀନ ରାଜ ଆଚାରୀ)

ଗୋପାଳପୁର ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡାଙ୍କ ପ୍ରଚାର ଅଭିଯାନରେ ମଙ୍ଗଳବାର ଷ୍ଟାର ପ୍ରଚାରକ ଅଭିନେତ୍ରୀ ଚାନ୍ଦିନୀ ସାମିଲ ହୋଇ କୋଠାରସିଂ ଏବଂ ମନ୍ତ୍ରୀଡ଼ି ପଞ୍ଚାୟତରେ ଶୋଭାଯାତ୍ରାରେ ବୁଲିଛନ୍ତି। କୋଠାରସିଂ ସରପଞ୍ଚ ଦୁର୍ଯ୍ୟୋଧନ ରେଡି, ସମିତି ସଭ୍ୟ ଆଶିଷ ରାଉଳ, ଏବଂ ମନ୍ତ୍ରୀଡ଼ି ସରପଞ୍ଚ ପ୍ରଶାନ୍ତ ଦାସଙ୍କ ଉପସ୍ଥିତିରେ ବିକ୍ରମ ଘର ଘର ବୁଲିବା ସହ ପଥପ୍ରାନ୍ତ ସଭାରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶ ମୂଳକ ଯୋଜନା ଉପରେ କହି ଭୋଟ ଭିକ୍ଷା କରିଥିଲେ। ପ୍ରଚାର କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷା ଏସ.ରାଜେଶ୍ୱରୀ ଦୋରା, ବ୍ଲକ ଅଧ୍ୟକ୍ଷା ସିଏଚ. ଉଷାରାଣୀ, ଗୋପାଳପୁର ପର୍ଯ୍ୟବେକ୍ଷକ ସିଏଚ. ଭରତ ପାତ୍ର, ଜିଲା କାର୍ଯ୍ୟକାରୀ ସଭାପତି ସିଏଚ. ଦିଲେଶ୍ୱର ରେଡ୍ଡୀ, ଯୁବନେତା ସୁଭାଶିଷ ସାହୁ, ରମ୍ଭା ସରପଞ୍ଚ ଅଜିତ କୁମାର ରାଉଳ,ଯୁବ ସମାଜସେବୀ ଶଙ୍କର ଗୌଡ଼, ବରିଷ୍ଠ ନେତା ସିଏଚ. ବାଇରୀ ପାତ୍ର, ଡ଼ି. ଚିନ୍ତାମଣି ଡ଼ି. ଭରତ ରେଡି, ଶ୍ୟାମା ରେଡି, ତ୍ରିନାଥ ରେଡି, ବିଷ୍ଣୁ ପ୍ରିୟା ନାୟକ, ସନ୍ତୋଷ ପ୍ରଧାନ, ମିଟୁ ଜେନା, ବାଲାଜୀ ଜେନା ପ୍ରମୁଖ ସାମିଲ ଥିଲେ।

### ସିନେ ତାରକାଙ୍କ ଗହଣରେ ବିଜେଡିର ପ୍ରଚାର

ଆସିକା,୭।୫ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଜେଡି ବିଧାୟିକା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁଙ୍କ ପକ୍ଷରୁ ମଙ୍ଗଳବାର ଆସିକା ବ୍ଲକର ଭେଟନଇ ଓ ବଖୋଲି ପଞ୍ଚାୟତରେ ପ୍ରଚାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ସିନେ ତାରକା ସବ୍ୟସାଚୀ ଓ ଅର୍ଚ୍ଚିତା ସାମିଲ ହୋଇ ବିଜେଡିର ଆସିକା ଏମ୍‌ପି ପ୍ରାର୍ଥୀ ରଞ୍ଜିତା ସାହୁ ଓ ବିଧାୟିକା ପ୍ରାର୍ଥୀ ମଞ୍ଜୁଳା ସ୍ୱାଇଁଙ୍କୁ ବିପୁଳ ଭୋଟରେ ବିଜୟ ପୂର୍ବକ ନବୀନ ବାବୁଙ୍କ ଷଷ୍ଠଥର ଲାଗି ମୁଖ୍ୟମନ୍ତ୍ରୀ ରୂପେ ଦାୟିତ୍ୱ ଦେବା ଲାଗି ନିବେଦନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଯୁବନେତା ଭଗବାନ ସାହୁ, ଶିବ ନାହାକ, ଭବାନୀ ଶଙ୍କର ମଲିକ, ପୂର୍ବତନ ବ୍ଲକ ଅଧକ୍ଷ ହରେକୃଷ୍ଣ ମଲିକ, ମନୋଜ ଦୋରା, ତନ୍ମୟୀ ନାହାକ, ଅନିଲ କୁମାର ନାୟକ, ନମିତା ଜେନା, ଗୁଲୁ ଜେନା, ଅମୂଲ୍ୟ କୁମାର ଉପାଧ୍ୟାୟ, ଅଜିତ ଚୌଧୁରୀ, ବିଜୟ କୁମାର ନାହାକଙ୍କ ସମେତ ବହୁ କର୍ମୀ ଏହି ପ୍ରଚାରରେ ସାମିଲ ଥିଲେ।

## ଭୋଟର ତାଲିକାରୁ ନାଁ ବାଦ୍ ପଡ଼ିବା ଘଟଣାର ତଦନ୍ତ ଦାବି

ବ୍ରହ୍ମପୁର,୭।୫(ସ୍ମୃତି ରଞ୍ଜନ ମହାଲିକ)

ଭୋଟ ତାଲିକାରୁ ଜାଣିଶୁଣି ନାମ କାଟି ଦିଆଯାଇଥିବା କାରଣରୁ ନିର୍ବାଚନରେ ପ୍ରାର୍ଥିତ୍ୱରୁ ବଞ୍ଚିତ ହୋଇଥିବା ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରିବାକୁ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ବ୍ରହ୍ମପୁର ଉପଜିଲାପାଳଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛନ୍ତି।

ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚଳିତ ନିର୍ବାଚନରେ ବ୍ରହ୍ମପୁର ବିଧାନସଭା ଆସନ ନିମନ୍ତେ କମିଟି ସଭାପତି ସଞ୍ଜୀବ ପ୍ରାର୍ଥିପତ୍ର ଦାଖଲ କରିଥିଲେ। କିନ୍ତୁ ତାଙ୍କର ପ୍ରାର୍ଥିପତ୍ରକୁ ଭୋଟର ତାଲିକାରେ ନାମ ନ ଥିବା ଦର୍ଶାଇ ନିର୍ବାଚନ ଅଧିକାରୀ ଶେଷ ମୁହୂର୍ତ୍ତରେ ନାକଚ କରିଦେଇଥିଲେ। ୨୦୧୯ ସାଧାରଣ ନିର୍ବାଚନ ଓ ୨୦୦୨ ପଞ୍ଚାୟତ ନିର୍ବାଚନ ସମୟରେ ଭୋଟର ତାଲିକାରେ ନାମ ଥିଲା। ଷଡଯନ୍ତ୍ର କରି ତାଙ୍କର ଓ ପରିବାରର ସମସ୍ତଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯାଇଛି ବୋଲି ବୋଲି କମିଟି ଅଭିଯୋଗ କରିଛି। ଭୋଟର ତାଲିକାରୁ ନା କାଟିବା ପୂର୍ବରୁ ପ୍ରଶାସନିକ ଆବଶ୍ୟକତା ଓ ନୀତି ନିୟମ ପାଳନ କରାଯାଇ ନ ଥିବା କମିଟି ଅଭିଯୋଗ କରିଛି। ଏହାର ବିଧିବଦ୍ଧ ତଦନ୍ତ କରା ନ ଗଲେ କମିଟି ଆଇନଗତ ପଦକ୍ଷେପ ନେବାକୁ ବାଧ ହେବ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ସମେତ ଦିଗାମ୍ବର ସାମନ୍ତରାୟ ଓ ଏସ. କେ ପଢିଆରୀ ଏବଂ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଦେଢ଼ ଲକ୍ଷ ଟଙ୍କା ଜବତ କଲା ଫ୍ଲାଇଂ ସ୍କ୍ୱାଡ୍

ବ୍ରହ୍ମପୁର,୭।୫(ସ୍ମୃତି ରଞ୍ଜନ ମହାଲିକ)

ଇଞ୍ଜିନିୟରିଂ ସ୍କୁଲ ଛକ ନିକଟରେ ଫ୍ଲାଇଂ ସ୍କ୍ୱାଡର ଯାଞ୍ଚ ବେଳେ ମଙ୍ଗଳବାର ଏକ କାରରୁ ଦେଢ ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ସ୍କ୍ୱାଡ ପକ୍ଷରୁ କାର ଚାଳକଙ୍କୁ ଟଙ୍କା ବିଷୟରେ ପଚାରିବାରୁ ସେ ଭୋଜି ନିମନ୍ତେ ଏହି ଟଙ୍କା ନେଇ ଯାଉଥିବା କହିଥିବା ସୂଚନା ମିଳିଛି। ସେହିପରି ସୋମବାର ରାତିରେ ଖଲିକୋଟ କଲେଜ ନିକଟସ୍ଥ ଗାୟତ୍ରୀ ହୋଟେଲ ପରିସରରୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହୋଇଥିବା ସୂଚନା ମିଳିଥିଲା। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ଉତ୍ତର ମିଳି ନ ଥିଲା। ଫ୍ଲାଇଂ ସ୍କ୍ୱାଡ ପକ୍ଷରୁ ସହରର ବିଭିନ୍ନ ଛକରେ ଯାଞ୍ଚ କଡାକଡି କରାଯାଇଛି।

# ନୂଆ ଭୋଟରଙ୍କୁ ଗଣତନ୍ତ୍ରର ମହାପର୍ବରେ ସାମିଲ ପାଇଁ ଆହ୍ୱାନ

ବ୍ରହ୍ମପୁର,୭।୫(ଅଶୋକ କୁମାର ସାହୁ)



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ଭୋଟର ସଚେତନା କର୍ମଶାଳାରେ ନୂତନ ଭୋଟରମାନଙ୍କୁ ଗଣତନ୍ତ୍ରର ମହାପର୍ବରେ ଯୋଗ ଦେଇ ନିଜ ଭୋଟଦାନ ଅଧିକାର ସାବ୍ୟସ୍ତ କରିବା ପାଇଁ ଆହ୍ୱାନ ଦିଆଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଗଞ୍ଜାମ ଜିଲ୍ଲା ପ୍ରଶାସନ ତରଫରୁ ନୋଡାଲ ଅଫିସର ସସ୍ମିତା କୁମାରୀ ସାହୁ ଯୋଗ ଦେଇ ଉପରୋକ୍ତ ଆହ୍ୱାନ ଦେବା ସହ ଇଭିଏମ ଏବଂ ଭିଭିପାଟ ସମ୍ପର୍କରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଡ଼ଃ. ଜୟନ୍ତ କୁମାର ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ପ୍ରଥମ ଥର ପାଇଁ ଭୋଟଦାନ ଅଧିକାର ପାଇଥିବା ଛାତ୍ରଛାତ୍ରୀଙ୍କୁ ଗଣତନ୍ତ୍ରର ଏହି ପର୍ବରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ଏକ ସୁସ୍ଥ ଗଣତନ୍ତ୍ର ଗଠନ ଦିଗରେ ଭୋଟରଙ୍କ ଭୂମିକା ରହୁଥିବାରୁ ଏଥିରେ ଭାଗ ନେବାକୁ ସେ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଶକ୍ତିରଞ୍ଜନ ଦାଶ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ମତଦାତା ସଂକ୍ରାନ୍ତରେ ଶପଥ ପାଠ କରାଇଥିଲେ। ନିର୍ବାଚନ ସଂପର୍କିତ ବିଭିନ୍ନ ଦିଗକୁ ନେଇ ଏକ କୁଇଜ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଭୋଟଦାନ ସଂକ୍ରାନ୍ତ ସଚେତନତା ସୃଷ୍ଟି ପାଇଁ ଏକ କଣ୍ଢେଇ ନାଟକ ପ୍ରଦର୍ଶିତ ହୋଇଥିଲା। ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଶଂକର୍ଷଣ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଇତିଶ୍ରୀ ଗୀତାକୁମାରି ଧନ୍ୟବାଦ ଦେଇଥିଲେ। ବିଭିନ୍ନ ବିଭାଗର ବହୁ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବ୍ରହ୍ମପୁର ସ୍ଥିତ କେନ୍ଦ୍ରୀୟ ସଂଚାର କାର୍ଯ୍ୟାଳୟର ସହକାରୀ ଅଧିକାରୀ ଜୀବନ କୁମାର ସାମନ୍ତ ସିଂହାରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପ୍ରମୋଦ କୁମାର ସାବତ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଗଣେଶ ଚନ୍ଦ୍ର ସାହୁ, ସୌମ୍ୟଶ୍ରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ନିଜ କାମ ଉପରେ ଭରସାକରି ଲଢୁଛନ୍ତି

## ସ୍ୱାଧୀନ ପ୍ରାର୍ଥୀ ପିଣ୍ଟୁଙ୍କ ଖବରଦାତା ସମ୍ମିଳନୀ

ବ୍ରହ୍ମପୁର,୭।୫(ଅଶୋକ କୁମାର ସାହୁ)



ବ୍ରହ୍ମପୁର ସହରରେ ୨୦୦୮ରୁ ୨୦୧୩ ମଧ୍ୟରେ ଯାହା ବିକାଶ ହୋଇଥିଲା ଗତ ୧୦ ବର୍ଷ ହେଲା ସେଭଳି ଆଖିଦୃଶିଆ ବିକାଶ ହୋଇନାହିଁ। ନିଜେ କରିଥିବା ବିକାଶକୁ ଭରସା ଓ ଲୋକ ସମର୍ଥନକୁ ଆଖି ଆଗରେ ରଖି ନିର୍ବାଚନ ମଇଦାନକୁ ଓହ୍ଲାଇଛି ବୋଲି ବ୍ରହ୍ମପୁର ବିଧାନସଭା ଆସନ ପାଇଁ ସ୍ୱାଧୀନ ଭାବେ ଲଢୁଥିବା ଶିବଶଙ୍କର ଦାସ(ପିଣ୍ଟୁ) ମଙ୍ଗଳବାର ଖବରଦାତା ସମ୍ମିଳନୀ କରି ଜଣାଇଛନ୍ତି।

ପିଣ୍ଟୁ କହିଛନ୍ତି ଯେ, ମେୟର ଥିବାବେଳେ ବ୍ରହ୍ମପୁରର ଟ୍ରାଫିକ ସମସ୍ୟା ଦୂର ପାଇଁ ରାସ୍ତା ଚଉଡା କରାଯାଇଥିଲା। ବିଭିନ୍ନ ଅଞ୍ଚଳରେ ଭେଣ୍ଡିଂ ଜୋନ ହୋଇଥିଲା। ଅନେକ ଅଞ୍ଚଳକୁ ପାଣି ଯୋଗାଇ ଦିଆଯାଇଥିଲା। ବିଭିନ୍ନ ସ୍ଥାନରେ ନଳକୂଅ ବସିଥିଲା। କିନ୍ତୁ ଏବେ ସେଭଳି ବିକାଶ ଦେଖି ହେଉନାହିଁ। ଗିରିମାର୍କେଟ ଭାଙ୍ଗି ଦିଆଯାଇଛି। ତାହା ନିର୍ମାଣ ହୋଇପାରିନାହିଁ। କୌଣସି ଦଳ କିମ୍ବା ନେତାଙ୍କ ନାମ ନ ନେଇ ସେ କହିଲେ, ସହରରେ ମାଳ ମାଳ ହୋର୍ଡିଂ ଲାଗିଛି। ଯଦି ବିକାଶ କରିଛନ୍ତି, ତେବେ ଏତେ ପ୍ରଚାର କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। କେବଳ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ନାମ ନେଇ ପ୍ରଚାର ଚାଲିଛି। ଯଦି ଏଭଳି ହୁଏ ତେବେ ବ୍ରହ୍ମପୁର ସହରର ବହୁ ବର୍ଷ ପଛକୁ ଚାଲିଯିବ। ଖବରଦାତା ସମ୍ମିଳନୀର ଉଦ୍ଦେଶ୍ୟ କହିବାକୁ ଯାଇ ସେ କହିଲେ ଯେ, କାମ ନାହିଁ ତ ପଇସା ନାହିଁ ଭଳି କାମ ନାହିଁ ତ ଭୋଟ ନାହିଁକୁ ଜନସାଧାରଣ ଫୋକସରେ ରଖିବା ଉଚିତ। ତାଙ୍କ ସମୟରେ ଯେତେ ଆପାର୍ଟମେଣ୍ଟ ହୋଇଥିଲା କୌଣସି ଆପାର୍ଟମେଣ୍ଟକୁ ପାଣି ଆସୁନି। ୬୦ ବର୍ଷରେ ଲୋକେ ଅବସର ନେଉଛନ୍ତି। କାହାକୁ ଅସମ୍ମାନ କରିବାକୁ ସେ ଚାହୁଁନାହାନ୍ତି। କିନ୍ତୁ ୮୦ ବର୍ଷ ବୟସରେ ବି ଲୋକେ ନିର୍ବାଚନରେ ପଦାର୍ପଣ କରୁଥିବାରୁ ଭୋଟର ସେମାନଙ୍କୁ କିଭଳି ଗ୍ରହଣ କରିବେ ତାହା ସମୟ କହିବ। କେତେଜଣ ନେତା ମିଥ୍ୟା ସତ୍ୟପାଠ ମଧ୍ୟ ଦାଖଲ କରଛନ୍ତି। ଅର୍ଥ, ବାହୁବଳ ଚଳିତ ନିର୍ବାଚନରେ କାମ ଦେବନି। ନିଜେ କରିଥିବା କାମ ଉପରେ ଭରସା କରି ଭୋଟ ଭିକ୍ଷା କରୁଛି। ଯେତିକି କାମ ପୂର୍ବରୁ କରିଛି ଆହୁରି ଅନେକ ବାକି ରହିଛି। ଲୋକେ ଚାହିଁଲେ ସେମାନଙ୍କ ଆଶା ପୂର୍ଣ୍ଣ ହେବ ବୋଲି ପିଣ୍ଟୁ କହିଥିଲେ।

### ବ୍ରହ୍ମପୁରରେ ଭାଜପାର ପଥପ୍ରାନ୍ତ ସଭା

ବ୍ରହ୍ମପୁର,୭।୫(ନରସିଂହ ସାହୁ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ସୋମବାରର କାର୍ଯ୍ୟକ୍ରମ ପରେ ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାରେ ଭାଜପା ରାଜନୀତି ଅଧିକ ଚଳଚଞ୍ଚଳ ହୋଇଛି। କର୍ମୀଙ୍କ ଉତ୍ସାହ ବଢ଼ିଯାଇଥିବାରୁ ଭୋଟ ପ୍ରଚାର ଜୋରଦାର ହୋଇଯାଇଛି। ମଙ୍ଗଳବାର ଦିନତମାମ ବିଭିନ୍ନ ୱାର୍ଡରେ ପଥପ୍ରାନ୍ତ ସଭା କରାଯାଇଥିଲା। ବିଧାୟକ ପ୍ରାର୍ଥୀ କେ. ଅନିଲ କୁମାର ୱାର୍ଡଗୁଡ଼ିକର ଘରକୁ ଘର ବୁଲିଥିଲେ। ତାଙ୍କ ସହ ବରିଷ୍ଠ ନେତା ପୀତବାସ ପଣ୍ଡା, ଏମ. ଜଗଦୀଶ ରାଓ, ଶରତ ପଟ୍ଟନାୟକ, ରଘୁନାଥ ପ୍ରସାଦ ପାଣିଗ୍ରାହି, ଶିବ ଶଙ୍କର ସାହାଣୀ, ଅଶୋକ ଶୁକ୍ଳ, ସଞ୍ଜୟ ଜେନା, ନାରୀ ନେତ୍ରୀ ବର୍ଷା ବିଦୁସ୍ମିତା, ଡୁଡୁନ ପାତ୍ର, ପ୍ରଦୀପ ମିଶ୍ରଙ୍କ ସମେତ ଶତାଧିକ ସମର୍ଥକ ଓ କର୍ମୀ ସାମିଲ ହୋଇଥିଲେ। ଏଥର ଭାଜପାକୁ ଆଶୀର୍ବାଦ କରିବାକୁ ନିବେଦନ କରାଯାଇଥିଲା।



